# ଖଣି ଅଞ୍ଚଳରେ ବର୍ଷାପାଣି ପରିଚାଳନା ବାଧାପ୍ରାପ୍ତ

ଯାଜପୁର ଅଫିସ,୨୪।୯

ଗତ ପ୍ରାୟ ସପ୍ତାହେ ହେଲା ଲଘୁଚାପଜନିତ ବର୍ଷା ଯୋଗୁ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳ ନିକେଲ ମିଶ୍ରିତ ବିଷାକ୍ତ ପାଣିରେ କବଳିତ ହୋଇଛି। ଏଥିଯୋଗୁ ଡମଶାଳା ନାଳାର କଅଁସଠାରୁ କଲରଙ୍ଗୀ ଏବଂ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ପାଣି କୌଣସି କ୍ଷେତ୍ରରେ ବ୍ୟବହାର ଉପଯୋଗୀ ହେଉନାହିଁ। ପକ୍ଷୀ, ଗୃହପାଳିତ ଓ ବନ୍ୟପ୍ରାଣୀ ସବୁ ଜୀବଜଗତ ଏହି ପାଣିକୁ ବ୍ୟବହାର କରି ବିପଦରେ ପଡୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀମାନେ ଖଣି କର୍ତ୍ତୃପକ୍ଷଙ୍କ ସହିତ ମାସିକ ସାଲିସ ଯୋଗୁ ନୀରବ ରହିଥିବା କୁହାଯାଉଛି। ଏପରି କି ମାସିକ କାରବାର ସମ୍ପର୍କରେ ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ୨୦୨୦ ନଭେମ୍ବରରେ ବେଦାନ୍ତ ସିଇଓଙ୍କୁ ଦେଇଥିବା ଇ-ମେଲରେ ଉଲ୍ଲେଖ ରହିଛି। କିନ୍ତୁ ଏଯାଏ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ସରକାରୀ ଅଧିକାରୀମାନଙ୍କ ଦୁର୍ନୀତିଖୋର ମନୋଭାବ ବୃଦ୍ଧି ପାଉଥିବା କୁହାଯାଉଛି। ବର୍ତ୍ତମାନ ଉତ୍ପାଦିତ ଖଣିଗୁଡିକରେ ଲାଗିଥିବା ଜଳ ବିଶୋଧନାଗାର(ଇଟିପି) ବାହାରେ ଏହି ବିଷାକ୍ତ ପାଣି ଛଡାଯାଉଥିବାରୁ ଡମଶାଳା ନାଳର ପାଣି ଲାଲ ହୋଇଛି। ଏହିସବୁର ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି।

ସୁକିନ୍ଦା ଖଣି ଅଞ୍ଚଳରେ ବୋହିଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ପାଇଁ ୨୦୧୪ ଏପ୍ରିଲରେ ହାଇକୋର୍ଟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୪ ଡିସେମ୍ବର ୧୭ରୁ ୧୯ ମଧ୍ୟରେ ହାଇକୋର୍ଟ ରାୟକୁ ନେଇ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍), ଏସ୍‌ପିସିବି ଓ ଯାଜପୁର ରୋଡ ମାଇନ୍ସ ବିଭାଗୀୟ ଅଧିକାରୀମାନେ ଏକ ଯୁଗ୍ମ ତଦନ୍ତ କରିଥିଲେ। ସେତେବେଳେ ଖଣି ପରିସରରେ ବୋହି ଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ଆଦୌ ହେଉ ନ ଥିବା ତଦନ୍ତରେ ଜଣାପଡ଼ିଥିଲା। ମାଇନିଂ ପ୍ଲାନର ବିଭିନ୍ନ ସର୍ତ୍ତଗୁଡ଼ିକୁ କୌଣସି ଖଣି କମ୍ପାନୀ ମାନୁ



ଫାକର ଓସ୍ତପାଳ ଖଣି ନିକଟ ଡମଶାଳା ନାଳ।

■ଇଟିପି ବାହାରେ ବୋହୁଛି ବିଷାକ୍ତ ପାଣି
■ଆଇବିଏମ୍ ନିର୍ଦ୍ଦେଶକୁ ଅଣଦେଖା
■ଯାଜପୁର, ଢେଙ୍କାନାଳ ଜିଲାର ପ୍ରାୟ ୫୦ ହଜାର ଲୋକ ପ୍ରଭାବିତ

ନ ଥିବା ଦେଖିବାକୁ ମିଳିଥିଲା। ଏହି ତଦନ୍ତ ରିପୋର୍ଟ ପ୍ରକାଶ ପାଇବାପରେ ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୧୬୫୩୮/୧୬।୧୦।୨୦୧୫ରେ ସମସ୍ତ କାର୍ଯ୍ୟକ୍ଷମ ଖଣିରେ ବର୍ଷା ମାସ ପୂର୍ବରୁ ଉନ୍ନତମାନର ଇଟିପି ଓ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେତେବେଳେ ଖଣି କମ୍ପାନୀମାନେ ନିର୍ଦ୍ଦେଶ ଅନୁଯାୟୀ ଇଟିପି ପ୍ରତିଷ୍ଠା କରିଥିଲେ। ହେଲେ କ୍ଷମତା ବାହାରେ ଅଧିକ ବର୍ଷାପାଣି ନିର୍ଗତ ହେଲେ ଇଟିପି ବାହାରେ ଛାଡ଼ି ଦେଉଛନ୍ତି। ବେଦାନ୍ତ ଦ୍ୱାରା ପରିଚାଳିତ ଫାକର ଓସ୍ତପାଳ ଖଣିରେ ୨୦୨୦ ନଭେମ୍ବରରେ ପ୍ରାୟ ୧୫ ଲକ୍ଷ ଘନମିଟର ବିଷାକ୍ତ ପାଣି ଇଟିପି ବାହାରେ ଡମଶାଳା ନାଳାକୁ ଛଡାଯାଇଥିବା ଅଭିଯୋଗ ହୋଇଛି। ଏହା ସିପିସିବିରେ ତଦନ୍ତାଧୀନ ରହିଛି। ବର୍ତ୍ତମାନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ବେଦାନ୍ତ ଫାକର ଓସ୍ତପାଳ ଖଣି ସମେତ ଟାଟା ମାଇନ୍ସ, ଓଡ଼ିଶା ମାଇନିଂ କର୍ପୋରେସନ(ଓଏମ୍‌ସି) ସୁକୁରୁଙ୍ଗି କ୍ରୋମାଇଟ ଖଣି, କମର୍ଦ୍ଦା ଖଣିରୁ ଲକ୍ଷାଧିକ ଘନମିଟର ନିକେଲ ମିଶ୍ରିତ ବିଷାକ୍ତ ପାଣି ଇଟିପିରେ ଉପଚାର ନ କରି ଡମଶାଳାରେ ଛଡାଯାଇଥିବା ଅଭିଯୋଗ ହେଉଛି। ଏହାବାଦ ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତାର ଗୁରୁଜଙ୍ଗ ପୋଲରେ ଏହି ବିଷାକ୍ତ ପାଣି ବୋହୁଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଯାଜପୁର ଜିଲାର ଗୁରୁଜଙ୍ଗ, କଅଁସ, ଓସ୍ତପାଳ, କାଳିଆପାଣି, ଚିରିଗୁଣିଆଁ, ଘାଗିଆସାହି, ଭୀମଟାଙ୍ଗର, କଲରଙ୍ଗୀ, ରାଆଁସୋଳ, ମଶସାହି, ହାତୀସାହି, କସୁମଘୁଟ, ସରୁଆବିଲ, କୁଟିଡାବାଙ୍କ, କମର୍ଦ୍ଦା ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡିଶ, ବାରୁଆ, ମଠଖୋକସା, ବାଲିଝାଟି ପ୍ରମୁଖ ଗ୍ରାମର ପ୍ରାୟ ୫୦ହଜାର ଲୋକ ଜଳ ପ୍ରଦୂଷଣରେ ପ୍ରଭାବିତ ହେଉଛନ୍ତି। ଭୂତଳ ଜଳ ମଧ୍ୟ ଏଥିଯୋଗୁ ବହୁ ପରିମାଣରେ ପ୍ରଭାବିତ ହେଉଛି।

ଉଲ୍ଲେଖଯୋଗ୍ୟ, ଷ୍ଟେଟ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି (ଏସ୍‌ଇଆଇଏଏ)ର ତତ୍କାଳୀନ ଅଧ୍ୟକ୍ଷ ଏସ୍.ସି. ମହାନ୍ତି ପୂର୍ବରୁ ଏନେଇ ତାଗିଦା କରିଥିଲେ ହେଁ ଖଣି କର୍ତ୍ତୃପକ୍ଷ ତାକୁ ବେଖାତିର କରି ଆସୁଛନ୍ତି। ଏଥିରେ ଏସ୍‌ପିସିବି କର୍ତ୍ତୃପକ୍ଷ ପରୋକ୍ଷ ଭାବେ ସହଯୋଗୀ ପାଲଟିଥିବା ଅଭିଯୋଗ ହେଉଛି। ସୁକିନ୍ଦା ଖଣି ଅଞ୍ଚଳର ଗୀତାଞ୍ଜଳି ମହନ୍ତ, ରାଜାରାମ ମାରାଣ୍ଡି, ଦେବେନ୍ଦ୍ର ମହନ୍ତ, ଘାସିରାମ ହେମ୍ବ୍ରମ ପ୍ରମୁଖ କୁହନ୍ତି, ଜଳ ପ୍ରଦୂଷଣ ଆଇନକୁ କୌଣସି ଖଣି କମ୍ପାନୀ ମାନୁନାହାନ୍ତି। ଏଥର ଖଣି ପରିସରର ବର୍ଷାପାଣି ଜନଜୀବନକୁ ଦୁର୍ବିଷହ କରି ପକେଇଛି। ଏନେଇ ଖଣି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କେନାଲରୁ ମିଳିଲା ଯୁବତୀଙ୍କ ମୃତଦେହ

**୩ ଦିନ ହେବ ନିଖୋଜ ଥିଲେ**

**ଚଣ୍ଡିଖୋଲ,୨୪।୯(ଡି.ଏନ.ଏ.):** ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ଶାସନ ପୁରୁଷୋତ୍ତମପୁର ଗ୍ରାମ ନିକଟସ୍ଥ ହାଇଲେଭୁଲ କେନାଲରୁ ଶୁକ୍ରବାର ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ଝିଅ ରୀନାରାଣୀ(୨୧)। ରୀନାରାଣୀ ୩ଦିନ ହେବ ନିଖୋଜ ଥିଲେ। ଏନେଇ ତାଙ୍କ ପରିବାର ଲୋକେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଶୁକ୍ରବାର କେନାଲରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହିତ ଯୁବତୀଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସେମାନେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୩/୨୧ ରୁଜୁ ହୋଇଛି। ଯୁବତୀଙ୍କ ମୃତ୍ୟୁ ନେଇ ଅଞ୍ଚଳରେ ନାନା ଆଲୋଚନା ଚାଲିଛି।

### ହାଇସ୍କୁଲ ସମ୍ମୁଖରେ ମଦ ବେପାର

**ଝୁମ୍ପୁରି,୨୪।୯(ଡି.ଏନ.ଏ.):** ଦଶରଥପୁର ବ୍ଲକ ମଙ୍ଗଳପୁର ମହତାବ ହାଇସ୍କୁଲ ମୁଖ୍ୟ ଗେଟ୍ ସାମ୍ନାରେ ଚୋରା ମଦ ବେପାର ଖୋଲାରେ ଚାଲିଛି। କୋମଳମତୀ ଛାତ୍ରୀଛାତ୍ରଙ୍କ ଉପରେ ତାହା କୁପ୍ରଭାବ ପଡୁଥିଲେ ମଧ୍ୟ ପୋଲିସ, ଅବକାରୀ ବିଭାଗ କର୍ମଚାରୀ ମାସିକ ବଟି ନେଇ ଚୁପ ରହିଛନ୍ତି। ତୁରନ୍ତ ବିଦ୍ୟାଳୟ ସାମ୍ନାରୁ ଚୋରା ମଦ ବିକ୍ରିକୁ ବନ୍ଦ କରା ନ ଗଲେ ମଙ୍ଗଳପୁରର ସଚେତନ ନାଗରିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ଦଶରଥପୁର,୨୪।୯(ଡି.ଏନ.ଏ.):** ମଙ୍ଗଳପୁର ଥାନା ଅଞ୍ଚଳର ନାବାଳିକା ଶୌଚ ହେବାକୁ ଯାଇଥିବାବେଳେ ତାଙ୍କୁ ଜଣେ ୪୪ ବର୍ଷୀୟ ବ୍ୟକ୍ତି ବଳାତ୍କାର ଉଦ୍ୟମ କରିଛନ୍ତି। ଏନେଇ ନାବାଳିକାଙ୍କ ମା’ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏହି ଥାନା ଅଧୀନ ଖାନନଗର ପଞ୍ଚାୟତ ଲାଲବାଗ ଗ୍ରାମର ଯୁବକ ୨୦ ତାରିଖ ମଧ୍ୟାହ୍ନରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏକଥା କାହା ପାଖରେ ପ୍ରକାଶକଲେ ନାବାଳିକାଙ୍କୁ ସେ ହତ୍ୟା କରିବାକୁ ଧମକ ଦେଇଥିଲେ। ତେଣୁ ନାବାଳିକା ଭୟଭୀତ ହୋଇ କାହାପାଖରେ ପ୍ରକାଶ କରି ନ ଥିଲେ। ତେବେ ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନଥିବା ଦେଖି ତାଙ୍କ ମା’ କ’ଣ ହୋଇଛି ବୋଲି ପଚାରିଥିଲେ। ଏହାପରେ ନାବାଳିକା ସବୁକଥା କହିଥିଲେ। ତାଙ୍କ ମା’ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମର ଭଦ୍ରବ୍ୟକ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ୪ ଦିନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ନାବାଳିକାଙ୍କ ମା’ ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏନାମାମୁଲ୍ ହକ୍‌ଙ୍କୁ ପଚାରିବାରେ କେସ ହୋଇଛି, କିନ୍ତୁ କେସ ନମ୍ବର ଓ ଅଭିଯୁକ୍ତଙ୍କ ସମ୍ପର୍କରେ କିଛି କହି ନ ଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରକ୍ ଚାଳକଙ୍କ ମୃତ୍ୟୁ

**ଚଢ଼େଇଧରା/ଧର୍ମଶାଳା, ୨୪।୯(ଡି.ଏନ.ଏ.)**

ଜେନାପୁର ଥାନା ଅଧୀନ ମହିଶରା ପଞ୍ଚାୟତ ରାହାଡ଼ପୁରଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁକିନ୍ଦା ଥାନା ଅଧୀନ ନଗଡ଼ା ଗାଁର ସୁନାକର ଟୁଡୁ(୩୪)। ସୁନାକର ଶୁକ୍ରବାର ଭୋର ସମୟରେ ଟ୍ରକ୍ ଯୋଗେ ଏକ କ୍ରଶରର ହମ୍ପର ବୋଝେଇ କରି ନେଉଥିଲେ। ଏହି ସମୟରେ ରାହାଡ଼ପୁର ଗ୍ରାମକୁ ସଂଯୋଗ କରୁଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜେନାପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ଜଣେ ବ୍ୟକ୍ତି ରାହାଡ଼ପୁରଠାରେ ଥିବା ଏକ ଅଦରକାରି କ୍ରଶରକୁ କିଣିଥିଲେ। ସେଠାରେ ଥିବା ଏକ ହମ୍ପରକୁ ଆଣିବାକୁ ସୁନାକର ଯାଇଥିଲେ। ଟ୍ରକ୍‌ଠାରୁ ହମ୍ପର ଉଚ୍ଚତା ଅଧିକ ଥିବାରୁ ତାହା ଚାଳକଙ୍କ ଅଜାଣତରେ ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଚାଳକଙ୍କ ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଅନ୍ୟପକ୍ଷରେ ଦୁର୍ଘଟଣାସ୍ଥଳରେ ବିଦ୍ୟୁତ୍ ତାର ଖୁବ କମ ଉଚ୍ଚତାରେ ରହିଛି। ଯେଉଁଥି ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ବ୍ରାହ୍ମଣୀରେ ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

**ଜେନାପୁର/ଧର୍ମଶାଳା,୨୪।୯(ଡି.ଏନ.ଏ.)**

ବ୍ରାହ୍ମଣୀ ନଦୀରେ ନିଖୋଜ ହୋଇ ଯାଇଥିବା ବୃଦ୍ଧ ଘନଶ୍ୟାମ ସାହୁ(୬୪)ଙ୍କ ମୃତଦେହ ମିଳିଛି। ଜେନାପୁର ଥାନା ରେଖିଦେଇପୁର ପଞ୍ଚାୟତ ଅଧୀନ ପାଇକରାପୁର ଗ୍ରାମର ଘନଶ୍ୟାମ ଗୁରୁବାର ଭୋର୍ ସମୟରେ ତାଙ୍କ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ କୌଣସି କାରଣବଶତଃ ତାଙ୍କ ଗୋଡ଼ ଖସି ଯିବାରୁ ସେ ନଦୀରେ ଭାସି ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଓ ରସୁଲପୁର ଓଡ୍ରାଫ୍ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ହେଲେ ଘନଶ୍ୟାମଙ୍କ ପତ୍ତା ପାଇ ନ ଥିଲେ। ଶୁକ୍ରବାର ସକାଳ ସାଢ଼େ ୭ଟାରେ ଘନଶ୍ୟାମଙ୍କ ମୃତଦେହ ମର୍ଜିତାପୁର ପଞ୍ଚାୟତ ଅଧୀନ ଚଉଷଠିପଡ଼ା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳରେ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏଥିସହିତ ଘନଶ୍ୟାମଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ମେଡିକାଲକୁ ପଠାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନକଲି ଶିକ୍ଷକ ନିଲମ୍ବିତ

**ରସୁଲପୁର,୨୪।୯(ଡି.ଏନ.ଏ.)**

ରସୁଲପୁର ଶିକ୍ଷାମଣ୍ଡଳ ଅଧୀନ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ଭୂଷଣ ଶରଣଙ୍କୁ ବ୍ଲକ ଶିକ୍ଷାଧିକାରୀ(ବିଇଓ)ସୁଦର୍ଶନ ମଲ୍ଲିକ ଚାକିରିରୁ ନିଲମ୍ବିତ କରିଛନ୍ତି। ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୧୦୧୦/୨୪/୦୯/୨୦୨୧ରେ ନିଲମ୍ବନ ଆଦେଶ ଦିଆଯାଇଛି। ତାଙ୍କୁ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ ବଦଳରେ ବାରବାଟୀ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ବାରବାଟୀ ୟୁଜିଏମଇରେ କର୍ତ୍ତବ୍ୟ ବିରତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ତାଙ୍କ ନାମରେ ଥାନାରେ ଏତଲା ଦିଆଯିବା ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁଆଖିଆ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ସହ ବିଚାରବିମର୍ଶ କରାଯାଇଛି। ଶନିବାର ଥାନାରେ ଅଭିଯୋଗ କରାଯିବ ବୋଲି ଥାନା ଅଧିକାରୀ ସ୍ୱାଇଁଙ୍କଠାରୁ ସୂଚନା ମିଳିଛି। ବିସ୍ତୃତ ତଥ୍ୟ ହାସଲ ନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ସମ୍ପୃକ୍ତ ଶିକ୍ଷକ ଜାଲ ସାର୍ଟିଫିକେଟ ପ୍ରଦାନ କରି ୩ବର୍ଷରୁ ଉର୍ଦ୍ଧ୍ୱ ହେବ ଚାକିରି କରି ଆସୁଥିଲେ। ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାଲ ପ୍ରମାଣପତ୍ର ଧରାପଡ଼ିବାରୁ ସତ ପଦାକୁ ଆସିଥିଲା। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ତଦନ୍ତ କରାଯାଉଥିଲା। ତଦନ୍ତ ବେଳେ ଶିକ୍ଷାଧିକାରୀଙ୍କ ହାତରେ ଶିକ୍ଷକଙ୍କ ଦୁଇଟି ପ୍ରମାଣପତ୍ର ଲାଗିଥିଲା। ଏହାକୁ ନେଇ ତଦନ୍ତ ଅଧିକାରୀ ଦ୍ୱନ୍ଦରେ ପଡ଼ିଥିଲେ। ସ୍ୱଷ୍ଟଚିତ୍ର ପଦାକୁ ଆଣିବା ନିମନ୍ତେ ବିଇଓ ପ୍ରମାଣପତ୍ର ପ୍ରଦାନ କରିଥିବା ଅନୁଷ୍ଠାନକୁ ସ୍ୱଷ୍ଟୀକରଣ ମାଗିଥିଲେ। ବିଭାଗ ପକ୍ଷରୁ ଦିଆଯାଥିବା ସ୍ୱଷ୍ଟୀକରଣରେ ଶିକ୍ଷକଙ୍କ ପ୍ରମାଣପତ୍ର ଜାଲ ବୋଲି ଦର୍ଶାଯାଇଥିଲା। ଏହି ଆଧାରରେ ଶିକ୍ଷକ ଶରଣଙ୍କୁ ନିଲମ୍ବିତ କରାଯାଇଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

## ଅଭିଯୋଗ ପରେ ତହସିଲ ପ୍ରଶାସନର ପଦକ୍ଷେପ



ଘର ଉଚ୍ଛେଦ କରାଯାଉଛି।

**ରସୁଲପୁର,୨୪।୯(ଡି.ଏନ.ଏ.)**

ରସୁଲପୁର ତହସିଲ ଅଧୀନ ଭୋଟକା ପଞ୍ଚାୟତ ସେରପୁର ଗ୍ରାମର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ପଞ୍ଚାୟତ ସାନରମ୍ପେଇ ଗ୍ରାମର ସୁଧାକର ଦାସ ୪ବର୍ଷ ହେଲା ସେରପୁର ଗ୍ରାମର ଆବାଦଯୋଗ୍ୟ ଅନାବାଦୀ ଖାତା ନଂ.-୨୫୯, ପ୍ଲଟ ନଂ-୭୩୦ର ୧୩ ଡିସିମିଲି ଜମି ଜବରଦଖଲ କରିଥିଲେ। ସେଠାରେ ସେ ଏକ ଆଜ୍‌ବେଷ୍ଟସ୍ ଘର କରିଥିଲେ। ଉକ୍ତ ଘରକୁ ତହସିଲ ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଇଛି। ଉଚ୍ଛେଦବେଳେ ଘରୁ କିଛି କାଠ ଓ ଲୁଗା ବୁଣାରେ ବ୍ୟବହୃତ ତନ୍ତ ଥିବା ଦେଖାଯାଇଥିଲା।

ଜମି ଜବରଦଖଲ ନେଇ ଗ୍ରାମବାସୀଙ୍କ ପକ୍ଷରୁ ନରସିଂହପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲା। ୬ମାସ ତଳେ ରାଜସ୍ୱ ନିରୀକ୍ଷକ ଦୁର୍ଜ୍ଜୟ ଷଡ଼ଙ୍ଗୀ ତଦନ୍ତ କରି ଜବରଦଖଲ ହୋଇଥିବା ନେଇ ତହସିଲ କାର୍ଯ୍ୟାଳୟରେ ରିପୋର୍ଟ କରିଥିଲେ। ରିପୋର୍ଟ ମୁତାବକ ତହସିଲ ପକ୍ଷରୁ ସୁଧାକରଙ୍କୁ ନୋଟିସ କରାଯାଇଥିଲା। ନୋଟିସ ପାଇବା ସତ୍ତ୍ୱେ ସେ ତହସିଲଦାରଙ୍କ ନିକଟରେ କୌଣସି ତଥ୍ୟ ରଖି ନ ଥିଲେ। ତେଣୁ ୩ମାସ ତଳେ ତହସିଲଦାରଙ୍କ ପକ୍ଷରୁ ଘର ଭାଙ୍ଗିବାକୁ ନୋଟିସ ଜାରି କରାଯାଇଥିଲା। ସୁଧାକର ପୁଣି ସମୟ ମାଗିଥିଲେ। ମାତ୍ର ସମୟ ଅବଧି ମଧ୍ୟରେ ନିଜର ପକ୍ଷ ରଖିବାରେ ବିଫଳ ହୋଇଥିଲେ। ଶେଷରେ ଘର ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ୩ ଦିନିଆ ନୋଟିସ ଦିଆଯାଇଥିଲା।

ଶୁକ୍ରବାର ଅତିରିକ୍ତ ତହସିଲଦାର ମୋହନ ଜେନାଙ୍କ ନେତୃତ୍ୱରେ ନରସିଂହପୁର ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧ ଷଡ଼ଙ୍ଗୀ, ଆଦମପୁର ରାଜସ୍ୱ ନିରୀକ୍ଷକ ମନୋଜ କବି, ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ, ଭାରପ୍ରାପ୍ତ ସୁପରଭାଇଜର ସନ୍ତୋଷ ପରିଡ଼ା ପ୍ରମୁଖ ପହଞ୍ଚି ଉଚ୍ଛେଦ କାର୍ଯ୍ୟରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୁଆଖିଆ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ତେବେ ତହସିଲ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ନେଇ ସୁଧାକର ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭୋଟକା ପଞ୍ଚାୟତର ଅଧିକାଂଶ ସ୍ଥାନରେ ସରକାରୀ ଜମି ଜବରଦଖଲରେ ରହିଛି। ତାହାକୁ ପ୍ରଶାସନ ଉଚ୍ଛେଦ କରୁନାହିଁ। ଜଣେ ଗରିବ, ନିରୀହ ପରିବାର ହୋଇଥିବାରୁ ତହସିଲ ପ୍ରଶାସନ ତାଙ୍କ ପରିବାର ପ୍ରତି ଅନ୍ୟାୟ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ବିଜେଡିରେ ଭାଜପା, କଂଗ୍ରେସ କର୍ମୀ



ଭାଜପା ଓ କଂଗ୍ରେସ କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

**ଝୁମ୍ପୁରି,୨୪।୯(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍ ତଳିହା ଓ ବିରଜାପୁର ପଞ୍ଚାୟତର ଭାଜପା ଓ କଂଗ୍ରେସର ଶତାଧିକ କର୍ମୀ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଭୁବନେଶ୍ୱରଠାରେ ଯାଜପୁର ବିଧାୟକ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବାସଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଏମାନେ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ମିଶ୍ର, ମହେଶ୍ୱର ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ମଧୁସୂଦନ ମିଶ୍ର, ଗୌରାଙ୍ଗ ସେଠୀ, ବିନୋଦ ବିହାରୀ ବେହେରା, ପ୍ରଶାନ୍ତ ବାରିକ, ମନୋଜ ରାଉତ, ଦୀପକ ସାହୁ, ପ୍ରଦୀପ ମହାରଣା, ଅନନ୍ତ ବାରିକ, ଚନ୍ଦନ ବାରିକ, ଭରତ ଓଝା, ବନମାଳୀ ଜେନା, ଜିତେନ୍ଦ୍ର ଜେନା, ମାନସ ସେଠୀ, ବିଷ୍ଣୁଚରଣ ଦାସ, ନରହରି ଜେନା, ରଘୁନାଥ ଜେନାଙ୍କ ସହ ପୂର୍ବତନ ନାଏବ ସରପଞ୍ଚ ଅନୁପମା ଦାସ ପ୍ରମୁଖ ରହିଛନ୍ତି। ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ, ସରପଞ୍ଚ ପ୍ରତାପ କୁମାର ଜେନା, ବରିଷ୍ଠ ବିଜେଡି ନେତା ଚନ୍ଦ୍ରନାରାୟଣ ସାହୁ, ମୁକ୍ତିକାନ୍ତ ପଣ୍ଡା, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାହସୀ ସୌମ୍ୟଙ୍କୁ ଭୁଲିଗଲା ପ୍ରଶାସନ

**ବରୀ,୨୪।୯(ଡି.ଏନ.ଏ.)**

■ଡଙ୍ଗାବୁଡ଼ି ବେଳେ ୩ ଜୀବନ ବଞ୍ଚାଇ ଥିଲେ
■ନିଜେ କୂଳକୁ ଆସିବା ପୂର୍ବରୁ ବୁଡ଼ି ଯାଇଥିଲେ
■ବ୍ରିଜ୍ ନିର୍ମାଣ ପରେ ତାଙ୍କ ନାମରେ ନାମିତ ପାଇଁ ପ୍ରତିଶ୍ରୁତି ମିଳିଥିଲା

୨୦୧୧ ଅକ୍ଟୋବର ୪ ତାରିଖ। ସେଦିନ ଥିଲା ମା’ ଦୁର୍ଗାଙ୍କ ଅଷ୍ଟମୀ ପୂଜା। ଏଥିପାଇଁ ସମଗ୍ର ବରୀ ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା। ବ୍ଲକ ଅଧୀନ ଚନ୍ଦ୍ରଶେଖରପୁର, ଅଳିପୁର ଓ ଅନ୍ୟାସୀପୁର ଦୁର୍ଗାଙ୍କୁ ଦର୍ଶନ ପାଇଁ ବ୍ରାହ୍ମଣୀ ନଦୀ ଦକ୍ଷିଣ ପାର୍ଶ୍ୱ ଲୋକଙ୍କ ପ୍ରବଳ ସୁଅ ଛୁଟିଥାଏ। ନଦୀର ଜଳ ସ୍ଥିର ଥିଲେ ବି ଲୋକଙ୍କୁ ନେଇ ଆସୁଥିବା ଡଙ୍ଗାଟି ଭାରସାମ୍ୟ ହରାଇ ହଠାତ୍ ବୁଡ଼ି ଯାଇଥିଲା। ଫଳରେ ଡଙ୍ଗାରେ ଥିବା ଲୋକେ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଏହି ସମୟରେ ସେହି ଡଙ୍ଗାରେ ଥିଲେ ଚନ୍ଦନପୁର ଗ୍ରାମର ଭଗବାନ ବିଶ୍ୱାଳଙ୍କ ପୁଅ ସୌମ୍ୟରଞ୍ଜନ। ସେ ପ୍ରଥମେ ନିଜେ ପହଁରି କୂଳରେ ପହଞ୍ଚିଥିଲେ। ତେବେ ଲୋକଙ୍କ ଆତୁର ଚିତ୍କାର ଶୁଣିବାରୁ ସେମାନଙ୍କୁ ବଞ୍ଚାଇବା ପାଇଁ ଆଗେଇ ଆସିଥିଲେ। ନଦୀ ଗର୍ଭକୁ ଲମ୍ଫ ଦେଇ ଅଜୟ ଧଳ(୨୩) ଓ ହେମନ୍ତ ପୋହି(୨୪)ଙ୍କୁ ଉଦ୍ଧାର କରିଥିଲେ। ସେହି ସମୟରେ ଶାନ୍ତିଲତା ସାହୁ ନାମ୍ନୀ ମହିଳା ଚିତ୍କାର କରିବାରୁ ସୌମ୍ୟ ମଧ୍ୟ ତାଙ୍କୁ ଯାଇ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ସେ ହାଲିଆ ହୋଇ ଯାଇଥିଲେ। ତେଣୁ ସ୍ଥଳଭାଗକୁ ଆସିବା ପୂର୍ବରୁ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ସେଦିନର ଏହି ଦୁର୍ଘଟଣା ବରୀ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା।

ଏହାପରେ ୧୫।୮।୨୦୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୌମ୍ୟଙ୍କୁ ମରଣୋତ୍ତର ସାହସିକତା ପ୍ରମାଣପତ୍ର ଦେଇଥିଲେ। ସେହିଦିନ ରାଷ୍ଟ୍ରପତି ମଧ୍ୟ ତାଙ୍କ ଉଦ୍ଦେଶ୍ୟରେ ସର୍ବୋତ୍ତମ ଜୀବନରକ୍ଷା ପଦକ ପ୍ରଦାନ କରିଥିଲେ। ପୂର୍ବତନ ଜିଲାପାଳ ଅନିଲ କୁମାର ସାମଲ ଓ ପୂର୍ବତନ ବିଧାୟକ ଦେବାଶିଷ ନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସେଠାରେ ସେତୁ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଲୋକେ ଏହି ସେତୁର ନାମ ସୌମ୍ୟଙ୍କ ନାମରେ ନାମିତ କରିବାକୁ ଦାବି କରିଥିଲେ। ପ୍ରଶାସନ ଏହାକୁ ଗୁରୁତର ସହ ନେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି କଥା ପ୍ରଚାରିତ ହେବା ପରେ ପୁଅ ମୃତ୍ୟୁ ଶୋକରେ ଭାଙ୍ଗି ପଡ଼ିଥିବା ସୌମ୍ୟଙ୍କ ବାପା ଭଗବାନ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ସେତୁ ନିର୍ମାଣ ହେଲା ଓ ଏହି ସେତୁକୁ ବରୀର ୪ ଶହୀଦ ସଂଗ୍ରାମୀ ସାଉଁଟି, ସାନନ୍ଦ, ହାଡ଼ିବନ୍ଧୁ ଓ ମାୟାଧରଙ୍କ ନାମରେ ନାମିତ କରାଗଲା। କିନ୍ତୁ ନିଜ ଜୀବନକୁ ବାଜି ଲଗାଇ ୩ଟି ଜୀବନ ବଞ୍ଚାଇଥିବା ଏହି ସାହସୀ ଯୁବକ ସୌମ୍ୟଙ୍କ ନାମ ସ୍ଥାନିତ ହେଲାନାହିଁ। ଫଳରେ ଏହାକୁ ନେଇ ଲୋକଙ୍କ ମନରେ କ୍ଷୋଭ ରହିଛି। ପ୍ରଶାସନ ସୌମ୍ୟଙ୍କୁ ଭୁଲିଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଓ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ସୌମ୍ୟଙ୍କ ବାପା କହିଛନ୍ତି। ତେବେ ସଂଗ୍ରାମୀଙ୍କ ନାମରେ ସେତୁ ହେବା ଗର୍ବ ଓ ଗୌରବର ବିଷୟ। ଏଣୁ ସୌମ୍ୟଙ୍କ ପ୍ରତିମୂର୍ତ୍ତି ସେଠାରେ ସ୍ଥାପନ କରାଯାଇ ତାଙ୍କ ସାହସିକତା ବିଷୟରେ ଫଳକରେ ଉଲ୍ଲେଖ କରାଯାଉ। ଏହାହେଲେ ଯୁବପିଢି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିପାରିବେ ବୋଲି ରାଧାଗୋବିନ୍ଦ ସେବା ସଂଘ ସମ୍ପାଦକ ବିବେକାନନ୍ଦ ନାଥ ଶର୍ମା ପ୍ରକାଶ କରିଛନ୍ତି।




ବ୍ରିଜ୍ ଉଦ୍‌ଘାଟନବେଳେ ଲାଗିଥିବା ଫଳକ।

**କାଳିଆପାଣି ହାଇସ୍କୁଲ ଛାତ୍ର କରୋନା ଆକ୍ରାନ୍ତ**

କାଳିଆପାଣି,(ଡି.ଏନ.ଏ.): ସୁକିନ୍ଦା ବ୍ଲକ ଅଧୀନ କାଳିଆପାଣି ହାଇସ୍କୁଲର ଜଣେ ଛାତ୍ର କରୋନା ପଜିଟିଭ ହୋଇଛନ୍ତି। ଓଡ଼ିଶା ଖଣି ନିଗମ କଲୋନୀ ନିକଟସ୍ଥ ହଟିଂର ସମ୍ପୃକ୍ତ ଦଶମ ଶ୍ରେଣୀ ଛାତ୍ର କିଛି ଦିନ ହେବ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ତାଙ୍କୁ ସୁକିନ୍ଦା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ରିପୋର୍ଟ ପିଜିଟିଭ ଆସିଥିଲା। ଏହି ଖବର ଜଣାପଡ଼ିବା ପରେ କାଳିଆପାଣି ସରପଞ୍ଚ ସ୍କୁଲ ବନ୍ଦ ପାଇଁ ପରାମର୍ଶ ଦେଇଛନ୍ତି। ଶନିବାର ସମସ୍ତ ଛାତ୍ରୀଛାତ୍ରଙ୍କ କରୋନା ପରୀକ୍ଷା ପରେ ସ୍କୁଲ ବନ୍ଦ କରାଯିବ କ ନାହିଁ ନିଷ୍ପତ୍ତି ନିଆଯିବ ବୋଲି ଡିଡିଏମ ମାଇନ୍ସ କାଠି ପ୍ରଧାନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜଳ ନିଷ୍କାସନ ପଥରୁ ଅବରୋଧ ହଟାଅ

କୁଜଙ୍ଗ, ୨୪।୯(ଡି.ଏନ୍.ଏ.): ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବା ସମେତ ୮ ଦଫା ଦାବି ନେଇ ଶୁକ୍ରବାର ସିପିଆଇ କୁଜଙ୍ଗ ପାରାଦୀପ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରିତୀପର୍ଣ୍ଣା ମିଶ୍ରଙ୍କୁ ଦାବି ପତ୍ର ଦିଆଯାଇଛି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ଜଳ ନିଷ୍କାସନ ପଥ ଅବରୋଧ ହଟାଇବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ, ଆଗାମୀ ରବି ଫସଲ ନିମନ୍ତେ ସହାୟତା, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଗୃହ ନ ଥିବା ପରିବାରକୁ ଆବାସ ଯୋଜନାରେ ସାମିଲ, ପାରାଦୀପଗଡ଼ରେ କଟକ-ପାରାଦୀପ ରାଜ୍ୟ ରାଜପଥ ଓ କେନାଲ ତଳେ ଡ୍ରେନ୍ ନିର୍ମାଣ କରାଯାଇ ଜଳ ନିଷ୍କାସନ ପଥ ପାଇଁ ବ୍ୟବସ୍ଥା କରିବା ଆଦି ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନ ନିମନ୍ତେ ବହୁ ସିପିଆଇ କର୍ମୀ ଏକ ଶୋଭା ଯାତ୍ରାରେ ଆସି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଦଳର ଜୋନାଲ କମିଟି ସମ୍ପାଦକ ଶରତ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଏନେଇ ଆୟୋଜିତ ପ୍ରତିବାଦ ସଭାରେ କମିଟିର ସହ ସମ୍ପାଦକ ହୃଷିକେଶ ନାଥ ଯୋଗଦେଇ କହିଥିଲେ, ଜଳ ନିଷ୍କାସନ ପଥ ଓ କାଡା ନାଳକୁ କିସମ ପରିବର୍ତ୍ତନ କରି ଘରବାରି କରି ଦିଆଯାଇଛି। ଅନେକ ନଦୀ ପଥରେ ଚିଙ୍ଗୁଡ଼ି ଘେରି ନିର୍ମାଣ କରାଯାଇଛି। ଶିଳ୍ପ ସଂସ୍ଥାମାନେ ବେଆଇନ୍ ଭାବେ ନଦୀରେ ବନ୍ଧ ନିର୍ମାଣ କରିଛନ୍ତି। ଫଳରେ ଜଳ ନିଷ୍କାସନ ହୋଇପାରୁନି। ତୁରନ୍ତ ଏହି ସମସ୍ୟାର ସମାଧାନ ସହ ଅନ୍ୟ ଦାବିଗୁଡ଼ିକ ପୂରଣ ନିମନ୍ତେ ସେ ଦାବି କରିଥିଲେ।

### ପରିବେଶ ସମ୍ବନ୍ଧୀୟ ଜନଶୁଣାଣି



ବିରିଡି/ବାଲିଆ,୨୪।୯(ଡି.ଏନ୍.ଏ.): ବିରିଡି ତହସିଲ ଅଧୀନ ୨୨ମୌଜାସ୍ଥିତ ପୁରଣ ଆରଆଇ ସର୍କଲ କାର୍ଯ୍ୟାଳୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ଓ ଜଗତସିଂହପୁର ଜିଲା ପ୍ରଶାସନ ପକ୍ଷରୁ ପରିବେଶ ସମ୍ବନ୍ଧୀୟ ଏକ ଜନଶୁଣାଣି ଶିବିର ଆୟୋଜନ କରାଯାଇଥିଲା। ଦେବୀ ନଦୀର ସାନଓଉଗରାଇଠାରେ ଥିବା ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରି ନିମନ୍ତେ ଏହାକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଲିଘାଟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାଘାଟ ମରାମତି, ବୃକ୍ଷରୋପଣ, ରାସ୍ତାରେ ନିୟମିତ ପାଣି ସିଞ୍ଚନ, ନଦୀବନ୍ଧର ସୁରକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୨ମୌଜା ଅଞ୍ଚଳର ଲୋକେ ଏହାକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜଗତସିଂହପୁର ଏଡିଏମ୍ ଚିନ୍ମୟୀ ବିଶ୍ୱାଳ, ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ଦୀଲିପ ଦାସ, ତହସିଲ କାର୍ଯ୍ୟାଳୟର ବରିଷ୍ଠ ରେକର୍ଡକିପର ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବର୍ଷାଜଳ ନିଷ୍କାସନରେ ପଲିଥିନ୍ ଆଡ଼ ବାଧକ

ପାରାଦୀପ ୨୪।୯(ସ୍ୱ.ପ୍ର.)

ଲଗାଣ ବର୍ଷା ପରଠୁ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ଏବେବି ବର୍ଷାଜଳ ଜମି ରହିଛି। ପାରାଦୀପ ପୌରାଞ୍ଚଳର ୬ ବସ୍ତି ଓ ଆଖପାଖ ଅଞ୍ଚଳର ୬ ପଞ୍ଚାୟତର ବିଭିନ୍ନ ଚାଷଜମି ଓ ଗାଁରେ ପାଣି ନିଷ୍କାସନ ହୋଇପାରୁନି। ଫଳରେ ଲୋକେ ସେଥିରେ ଚଳପ୍ରଚଳ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ପୌରାଞ୍ଚଳର ୫ ଓ ୬ ନଂ ୱାର୍ଡ ବାଲିଝରା ବାଉରିଆପାଳନ୍ଦା ବସ୍ତି ଲୋକେ ବାରମ୍ବାର ରାଜପଥ ଅବରୋଧ କରି ଧାରଣା ଦେଇଛନ୍ତି। ପୌର ପ୍ରଶାସନ ପାଣି ନିଷ୍କାସନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିପାରିନାହାଁନ୍ତି। ନଦୀ ଭିତରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ପଲିଥିନ୍‌ଯୁକ୍ତ ଆଡ଼ବାଡ କରିଥିବାରୁ ପାଣି ନିଷ୍କାସନରେ ସମସ୍ୟା ହେଉଛି।

ପାରାଦୀପର ଚତୁପାର୍ଶ୍ୱରେ ଏକଦା ୫୭ ନଦୀ ଯୋର ଓ ସଇରାତ ଥିଲା। ଏହାର ଭୌଗଳିକ ସୀମା ୨୨ ହଜାର ୯୦ ଏକର ଥିଲା। ଏବେବି ତାହା ସରକାରୀ ଭାବେ ତହସିଲ ରେକର୍ଡରେ ରହିଛି। ସେଗୁଡିକ ମଧ୍ୟରେ ପ୍ରମୁଖ ନଦୀ ଗୁଡିକ ହେଲା କାଉଡିଆ, ମଝିଡିଆ, ପଟାକଣ, ହଳଦୀପାଣି, ଶାମୁକାଡମୁଣ୍ଡା,

## ନଦୀପଥ ସଂଙ୍କୁଚିତ ହୋଇଯାଇଛି



ସାହାରାପେଣ୍ଠ ମସ୍ୟଡିଆ ନଦୀରେ ଥିବା ପଲିଥିନ୍‌ଯୁକ୍ତ ଆଡ଼ବାଡ଼।

କପିଳଯୋର, ବଟନଦୀ, ଷଣ୍ଢକୁଦ ପାଖ ସାହାରାପେଣ୍ଠ ମସଡିଆ ଓ ସନ୍ତରା। କପିଳଯୋର ନଦୀ ସହର ମଧ୍ୟରେ ଥିବାରୁ ତାହା ପୋତିହୋଇ ଅସ୍ତିତ୍ୱ ହରାଇ ସାରିଛି। ବଟନଦୀ ଚତୁପାର୍ଶ୍ୱରେ ଜନବସତି ଓ ଶିଳ୍ପ ପ୍ରତିଷ୍ଠା ହୋଇ ଥିବାରୁ ତାହା ଏବେ ପିପିଏଲ ଛକରେ ଜଳାଶୟ ଭଳି ରହିଛି। ଶାମୁକାଟିମୁଣ୍ଡା ନଦୀ ଦେଖିବାକୁ ମିଳୁନାହିଁ। ସାହାରାପେଣ୍ଠ ମସଡିଆ ନଦୀ ପାରାଦୀପ ପିପିଏଲ ମଝିରେ ରହିଛି। ସେହି ନଦୀର ସଂଯୋଗ ସମୁଦ୍ର ସହ ଜଡ଼ିତ ରହିଛି। ଉକ୍ତ ନଦୀରେ ୧୦୧ ଗ୍ରାମର କୈବର୍ତ୍ତମାନଙ୍କୁ ମାଛ ଧରିବା ପାଇଁ ସରକାର ଓ ହାଇକୋର୍ଟ ସ୍ୱୀକୃତି ଦେଇଛନ୍ତି। ପ୍ରତିବର୍ଷ କୈବର୍ତ୍ତମାନଙ୍କ ସଂସ୍ଥା ଷୋଳଭାଇ ସଭା ଓ କଳିଙ୍ଗ କର୍ଣ୍ଣଧାର ସମିତି କୁଜଙ୍ଗ ତହସିଲରେ ଟିକସ ଦେଇଥାନ୍ତି। ପରେ ସମିତି ପକ୍ଷରୁ ଗ୍ରାମ ସୀମା ଅନୁସାରେ ମତ୍ସ୍ୟଜୀବୀଙ୍କୁ ମାଛ ଧରିବା ପାଇଁ ଅଗ୍ରାଧିକାର ଦେଇଥାନ୍ତି। ନଦୀରେ ମାଛ ଧରିବା ପାଇଁ ଯେଉଁମାନେ ଯୋଗ୍ୟ ସେମାନେ ନଦୀ ଭିତରେ ନିଜର ସୀମା ନିର୍ଦ୍ଧାରଣ କରି ବାଉଁଶ ଜରିଆରେ ଆଡ଼ବାଡ କରିଥାନ୍ତି। ଏହି ପ୍ରକ୍ରିୟା ଦୀର୍ଘବର୍ଷ ହେଲା ଚାଲିଛି। ଏଥିରେ ମାଛ ଧରିବାକୁ ସ୍ୱୀକୃତି ଥିବାବେଳେ ମତ୍ସ୍ୟଜୀବୀମାନେ ଚଞ୍ଚକତା କରିଛନ୍ତି। ଆଡ଼ବାଡ ତଳେ ପଲିଥିନ୍ ବାନ୍ଧି ପୋଖରୀ ଭଳି ମାଛ ଚାଷ କରୁଛନ୍ତି। ପଲିଥିନ୍ ଏମିତି ବନ୍ଧା ଯାଇଛି ତାହା ପାଣି ଉପରେ ଦୃଶ୍ୟ ହେଉନାହିଁ। ଏହାର ଉଦାହରଣ ସାହାରାପେଣ୍ଠ ମସଡିଆ ନଦୀରେ ଦେଖିବାକୁ ମିଳେ। ଏହି ନଦୀର ଚଉଡା ପ୍ରାୟ ୬୦ ରୁ ୮୦ ମିଟର। ସେଥିରେ ପଲିଥିନ୍ ବାନ୍ଧି ସାରିବା ପରେ ମଝି ଭାଗରେ ପାଖାପାଖି ୧୦ ମିଟର ଜାଗା ଫାଙ୍କା ରହିଥାଏ। ସେହି ଫାଙ୍କା ଜାଗାରେ ଜାଲ ବସାଇ ମାଛ ଧରାଯାଏ। ଏହି ନଦୀରେ ଏପରି ୭ଟି ଆଡ଼ବାଡ ରହିଛି। ଯେଉଁଥିପାଇଁ ପାଣି ନିଷ୍କାସନ ହେଉନାହିଁ ବୋଲି ମତ୍ସ୍ୟଜୀବୀ ଅଲେଖ ବେହେରା କୁହନ୍ତି। ବର୍ଷାଦିନେ ଏହି ଆଡ଼ବାଡ ଖୋଲାଯିବା ପାଇଁ ସରକାରୀ ଭାବେ କୁହାଯାଇଥାଏ। କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଜଳବନ୍ଦୀ ଥିବା ଗାଁ ଲୋକେ ଏସବୁ ଜାଣି ପାରୁ ନାହାନ୍ତି। ଏହାକୁ କୁଜଙ୍ଗ ତହସିଲ ପକ୍ଷରୁ ତଦାରଖ କରାଯିବା କଥା। ମାତ୍ର ତାହା କରାଯାଉନାହିଁ ବୋଲି ମତ୍ସ୍ୟଜୀବୀ ଆଲୋକ ରାଉତ କୁହନ୍ତି। ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର କୁହନ୍ତି, ଆମେ ମତ୍ସ୍ୟଜୀବୀମାନଙ୍କୁ ସେମାନଙ୍କ ଗାଁରେ ପହଞ୍ଚି ଆଡ଼ବାଡ ଉଠାଇ ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲୁ। ଶୁକ୍ରବାରଠାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୩ ବଖରା ଜଳିଗଲା: ଗୋରୁ ଉଦ୍ଧାରବେଳେ ମହିଳା ଗୁରୁତର

ରଘୁନାଥପୁର,୨୪।୯(ଡି.ଏନ୍.ଏ.)

ରଘୁନାଥପୁର ତହସିଲ ଚିକିଣିଆ ପଞ୍ଚାୟତ କଳାଧାରୀ ଗ୍ରାମରେ ଗୁରୁବାର ରାତିରେ ନିଆଁ ଲାଗି ଜଣେ ମହିଳାଙ୍କ ୨ ବଖରା ଓ ଗୁହାଳ ଜଳିଯାଇଛି। ଏହି ସମୟରେ ଗୁହାଳରେ ବନ୍ଧା ହୋଇଥିବା ୩ ଗୋରୁଙ୍କୁ ଉଦ୍ଧାର କରିବାକୁ ଯାଇ ସେ ଗୁରୁତର ହୋଇଛନ୍ତି। ମହିଳା ଜଣକ ହେଲେ ଏହି ଗ୍ରାମର ବଟକୃଷ୍ଣ ବେହେରାଙ୍କ ଝିଅ ରୁନୁଲତା ଲେଙ୍କା। ଗୁରୁତର ଅବସ୍ଥାରେ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ନିଆଁରେ ଘରର ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ,ମୁଗବିରି, ନଡ଼ିଆ ଆଦି ଜଳିଯାଇଛି। ଉକ୍ତ ଘରେ ଥିବା ସାନ ଭଉଣୀଙ୍କ ଏକ ସ୍କୁଟି ସମେତ ଉକ୍ତ ଗାଡ଼ି ଡିକିରେ ଥିବା ୧୦ ହଜାର ଟଙ୍କା ମଧ୍ୟ ଜଳିଯାଇଥିବା ସୂଚନା ମିଳିଛି। ଗୋରୁଗୁଡିକ ଆଂଶିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ରୁନୁଲତା ୯ ବର୍ଷ ହେବ ଏହି ଘରେ ରହିଆସୁଥିଲେ। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ରଘୁନାଥପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ମାତ୍ର ସେତେବେଳକୁ ବେଳକୁ ସବୁକିଛି ଜଳିପୋଡି ପାଉଁଶ ହୋଇଯାଇଥିଲା।

# ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

କୁଜଙ୍ଗ/ବାଲିଆ/ପାରାଦୀପ, ୨୪।୯(ଡି.ଏନ୍.ଏ.)

ଅଖିଳ ଭାରତ ଶ୍ରମିକ ସଂଘ କୁଜଙ୍ଗ, ପାରାଦୀପ ଶାଖା ପକ୍ଷରୁ ଅଙ୍ଗନୱାଡ଼ି, ଆଶା, ପାଚିକା ସ୍କିମ୍ ୱାର୍କରମାନେ ସ୍ଥାୟୀ ନିଯୁକ୍ତି, ପେନ୍‌ସନ୍ ଓ ସର୍ବନିମ୍ନ ମାସିକ ମଜୁରୀ ୨୧ ହଜାର ଟଙ୍କା ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଂଘ ପକ୍ଷରୁ କୁଜଙ୍ଗ ବ୍ଲକ ଲୋକନାଥ ଭବନ ପରିସରରୁ ଏକ ଶୋଭାଯାତ୍ରା ବାହାରି କୁଜଙ୍ଗ ବଜାର ପରିକ୍ରମା କରିଥିଲା। ସେମାନେ କୁଜଙ୍ଗ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁଜଙ୍ଗ ବ୍ଲକ ଅଙ୍ଗନୱାଡ଼ି ସଭାପତି ସାବିତ୍ରୀ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ପାରାଦୀପରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀ ବିକ୍ଷୋଭ କରିଥିଲେ। ବିରିଡି ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡିଶା ଅଙ୍ଗନୱାଡ଼ି କର୍ମୀ ମହାସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ଉପ ସାଧାରଣ ସମ୍ପାଦିକା ବିଷ୍ଣୁପ୍ରିୟା ଜେନାଙ୍କ ନେତୃତ୍ୱରେ ୧୫ ଦଫା ଦାବି ନେଇ ସିଡିପିଓ ଗଉରୀ ଦେଇଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦିଆଯାଇଥିଲା।

# ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତଙ୍କ ପୁନର୍ବାର ରାସ୍ତାରୋକୋ

ଏରସମା,୨୪।୯(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତର ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ଲୋକେ ୫ ଦଫା ଦାବିରେ ଶୁକ୍ରବାର ୨ୟ ଥର ପାଇଁ ଏରସମା-କୁଜଙ୍ଗ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଜଟାଧାର ମୁହାଣ ଖନନ, ଆଡ଼ିବନ୍ଧଗୁଡ଼ିକୁ ଭାଙ୍ଗି ଜଳ ନିଷ୍କାସନର ସୁବ୍ୟବସ୍ଥା, ଡ୍ରେନେଜ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ, ଘର ଭାଙ୍ଗିଥିବା ପରିବାର ଓ ଭାଗଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ଭାଙ୍ଗିଥିବା ରାସ୍ତାଘାଟର ପୁନଃନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଖବରପାଇ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଘଟଣା ସ୍ଥଳରେଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୭ ଦିନ ମଧ୍ୟରେ ଜିଲାପାଳଙ୍କ ସହ ଆଲୋଚନା କରି ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି।

ଗତ ୨୧ ତାରିଖରେ ମଧ୍ୟ ଏଠାକାର



ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ଲୋକେ ଏରସମା-କୁଜଙ୍ଗ ରାସ୍ତା ଅବରୋଧ କରିଛନ୍ତି।

ଜଳବନ୍ଦୀ ଲୋକେ ଏସବୁ ଦାବି ନେଇ ରାସ୍ତାରୋକ କରିଥିଲେ। ମାତ୍ର ସେତେବେଳେ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନସ୍ଥଳକୁ ଆସି ନଥିଲେ। ଏନେଇ ପୁନର୍ବାର ମିଳିତଭାବେ ସର୍ବଦଳୀୟ ବୈଠକ ଡାକି ରାସ୍ତାରୋକ କରିବାକୁ ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଥିଲେ।

ପୁର୍ନବାର ହୋଇଥିବା ରାସ୍ତାରୋକୋର କାର୍ଯ୍ୟକ୍ରମର ନେତୃତ୍ୱ ସ୍ଥାନୀୟ ସରପଞ୍ଚ ତପନ ଗଚ୍ଛାୟତ ନେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦାର ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁ, ନବନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତିଶଶିଭୂଷଣ ସ୍ୱାଇଁ,ଏରସମାର ପୂର୍ବତନ ସରପଞ୍ଚ ନିବାରଣ ନାୟକ,କୃଷକ ନେତା ବଂଶୀଧର ବେହେରା ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

ଯାଜପୁର ଟାଉନ,୨୪।୯(ଡି.ଏନ.ଏ.)

ଯାଜପୁର ଜିଲା ଦଶରଥପୁର ବ୍ଲକ ବିହାରି ପଞ୍ଚାୟତ ସାଉଣ୍ଡିହି ଗ୍ରାମର ଗୋଚର ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜୋରଜବରଦସ୍ତ ଦଖଲ କରିଛନ୍ତି। ଏହି ଗୋଚର ଜମିରେ ଆବାସ ଯୋଜନାରେ ୨ କୋଠା ଏବଂ ଗୁହାଳ ନିର୍ମାଣ କରାଯାଇଥିବାରୁ ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ୪ ମାସ ପୂର୍ବେ ଦଶରଥପୁର ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ପୁର୍ନବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୋଚର ଜମିରେ କୋଠାଘର ଓ ଗୁହାଳ କରାଯାଇ ବିଲ୍ ପୈଠ କରାଯାଇଛି। ବିଲ୍ ପୈଠ ନ କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଏହା ଫଳପ୍ରଦ ହୋଇ ନ ଥିବା ଅଭିଯୋଗପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି। ସେହିପରି ଗୋଚର ଜମିରେ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଭେଲଙ୍ଗ ସର୍କଲ ଆରଆଇଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ବି ସେ ପଦକ୍ଷେପ ନେଇନାହାନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁଗ୍ରାମବାସୀନିବେଦନକରିଛନ୍ତି।

# ପାଚିକା ସହାୟିକା ସଂଘ ପକ୍ଷରୁ ଦାବିପତ୍ର

ଯାଜପୁର ଟାଉନ,୨୪।୯(ଡି.ଏନ.ଏ.)

ନିଖିଳ ଓଡ଼ିଶା ଏମ୍‌ଡି ପାଚିକା, ସହାୟିକା ସଂଘ ଜିଲା କମିଟି ପକ୍ଷରୁ ୮ ଦଫା ଦାବି ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଯାଜପୁର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସରକାରୀ ସ୍କୁଲରେ ପାଚିକା ଓ ସହାୟିକା ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସର୍ବ ନିମ୍ନ ମଜୁରିରୁ ବଞ୍ଚିତ ହୋଇଛନ୍ତି। ୧.୧୨.୨୦୦୯ଠାରୁ କେନ୍ଦ୍ର ସରକାର ପାଚିକା ଓ ସହାୟିକାଙ୍କ ପ୍ରାପ୍ୟ ହଜାରେ ଟଙ୍କା ସ୍ଥିର କରିଥିଲେ ମଧ୍ୟ ୧.୧୨.୨୦୦୯ଠାରୁ ୩୧.୦୩.୨୦୧୨ ପର୍ଯ୍ୟନ୍ତ ପାଚିକା ସହାୟିକାଙ୍କୁ ୬ଶହ ଓ ୪ଶହ ଲେଖାଏ ପୈଠ କରାଯାଇଛି। ସେମାନଙ୍କ ୨୮ ମାସର ବକେୟା ପ୍ରାପ୍ୟ ପ୍ରଦାନ, ୧୨ ମାସ ପ୍ରାପ୍ୟ ପ୍ରଦାନ, ବର୍ଷକୁ ୨ ଯୋଡ଼ା ଶାଢ଼ି, ପାଚିକା ସହାୟିକାଙ୍କୁ ଅବସରକାଳୀନ ଅର୍ଥ ପ୍ରଦାନ, ସ୍କୁଲ ମିଶ୍ରଣ ଯୋଗୁ ଯେଉଁ ପାଚିକା ସହାୟିକାଙ୍କୁ ବାହାର କରି ଦିଆଯାଇଛି ସେମାନଙ୍କୁ ଖାଲି ଥିବା ସ୍ଥାନରେ ନିଯୁକ୍ତି ଦେବା ଓ ପାଚିକା ସହାୟିକାଙ୍କୁ ବାର୍ଷିକ ଅତି କମରେ ୧୫ ଦିନ ଛୁଟି ସହ ପ୍ରସୂତିକାଳୀନ ଛୁଟି ମଧ୍ୟ ମଞ୍ଜୁର କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# କ୍ୟାଡର୍ ପୁନର୍ଗଠନ ଉପରେ ଗୁରୁତ୍ୱ

ଯାଜପୁର ଟାଉନ,୨୪।୯(ଡି.ଏନ.ଏ.)

## ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଅମଲା ସଂଘର ଦାବିପତ୍ର

୪୦ ବର୍ଷ ପରେ ଜିଲାସ୍ତରୀୟ ଅମଲାଙ୍କ କ୍ୟାଡର୍ ପୁନର୍ଗଠନ ହେବା ସହିତ ୨ ନୂତନ ପଦବୀ ଲାଗି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦।୦୨।୨୦୧୯ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ଉପବିଭାଗୀୟ ଅଧିକାରଙ୍କଠାରୁ ବରିଷ୍ଠ ସଂସ୍ଥାପନା ଅଧିକାରୀ ପର୍ଯ୍ୟନ୍ତ ସାଧାରଣ କ୍ୟାଡର କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଏହାର ପ୍ରାଧିକାରୀ ଜିଲାପାଳ ରହିବେ। ୨୦୧୯ରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜିଲାସ୍ତରୀୟ ଅମଲାଙ୍କ ପୁନଃଗଠନ ପରେ ୬୭୧ ମୁଖ୍ୟ କିରାଣି (ସେକ୍‌ସନ ଅଫିସର) ପଦବୀ ଉଚ୍ଛେଦ ହୋଇଛି। ଏଥିଯୋଗୁ ବରିଷ୍ଠ ସହାୟକଠାରୁ ଉପବିଭାଗୀୟ ଅଧିକାରୀ ଏବଂ ଉପବିଭାଗୀୟ ବିଭାଗୀୟଙ୍କଠାରୁ ସଂସ୍ଥାପନା ଅଧିକାରଙ୍କ ପଦୋନ୍ନତି ପାଇଁ ବାଧକ ହୋଇଛି। ଯଦି ଏହା କନିଷ୍ଠ ସହାୟକ ପଦବୀରୁ ଉଚ୍ଛେଦ କରାଯାନ୍ତା ତେବେ ସଚିବାଳୟ ଭଳି ଜିଲାସ୍ତରରେ କାର୍ଯ୍ୟରତ ବରିଷ୍ଠ ସହାୟକଠାରୁ ଉପବିଭାଗୀୟ ଅଧିକାରୀ ଏବଂ ଉପବିଭାଗୀୟଙ୍କଠାରୁ ସଂସ୍ଥାପନା ଅଧିକାରୀଙ୍କ ପଦୋନ୍ନତି ପାଇବାରେ ସହଜ ହୋଇପାରନ୍ତା। ଜିଲାସ୍ତରରେ କାର୍ଯ୍ୟ କରୁଥିବା ଏକ ନିର୍ଦ୍ଦିଷ୍ଟ ବିଭାଗର ଅମଲାଙ୍କ ସ୍ୱତନ୍ତ୍ର କ୍ୟାଡର୍ ଦାବି ଯଦି ସରକାର ଗ୍ରହଣ କରନ୍ତି ତେବେ ଭବିଷ୍ୟତରେ ଏହିଭଳି ୩୪/୩୫ଟି ସ୍ୱତନ୍ତ୍ର କ୍ୟାଡର ପାଇଁ ଦାବି ଉପସ୍ଥାପନା ହୋଇପାରେ, ଯାହା ରାଜ୍ୟ ସରକାରଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହେବ।

ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା ୨୨୦୧୫, ୧୯।୦୮।୨୦୨୧ରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନେ ମୁଖ୍ୟ ବିଭାଗୀୟ ଦପ୍ତରରେ ଅମଲା ଭାବେ କାର୍ଯ୍ୟ କରୁଥିବେ ସେମାନଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଜିଲାସ୍ତରୀୟ ଅମଲା। ସାଧାରଣ ପ୍ରଶାସନ ବିଭାଗର ୮ ମାର୍ଚ୍ଚ ୨୦୧୯ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ସବ୍‌ଅର୍ଡିନାଟ୍ସ ଷ୍ଟାଫ୍ ସିଲେକ୍‌ଶନ କମିଶନ ଜିଲାର ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା କନିଷ୍ଠ ସହାୟକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବେ। ତେବେ ଜିଲାସ୍ତରରେ କାର୍ଯ୍ୟ କରୁଥିବା କନିଷ୍ଠ ଅମଲାଙ୍କଠାରୁ ବରିଷ୍ଠ ସଂସ୍ଥାପନା ଅଧିକାରୀ ପର୍ଯ୍ୟନ୍ତ ଏକ ସାଧାରଣ କ୍ୟାଡର୍‌ରେ ଅନ୍ତର୍ଭୁକ୍ତ କରାଗଲେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବା ସହିତ ବହୁମାତ୍ରାରେ ଦୁର୍ନୀତି ଲୋପ ପାଇବା ସମ୍ଭାବନା ରହିଛି। ପ୍ରତ୍ୟେକ ୫ବର୍ଷରେ ଅମଲାଙ୍କ ଗୋଟିଏ ବିଭାଗକୁ ଆଉ ଗୋଟିଏ ବିଭାଗକୁ ପରିବର୍ତ୍ତନ କରାଗଲେ ଶାସନ ଅବସ୍ଥାରେ ଆହୁରି ସ୍ୱଚ୍ଛତା ଆସିପାରନ୍ତା। ଏହି ନିୟମକୁ ଲାଗୁ କରିବା ପାଇଁ ଯାଜପୁର ଅମଲା ଅଧିକାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି।

# ବନ୍ଦର ଘରୋଇକରଣକୁ ବିରୋଧ



ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିଭିନ୍ନ ଶ୍ରମିକସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି

ପାରାଦୀପ,୨୪।୯(ସ୍ୱ.ପ୍ର.)

## ୧୧ ଶ୍ରମିକସଂଘର ବିକ୍ଷୋଭ

ଦେଶର ବୃହତ ବନ୍ଦରଗୁଡ଼ିକର ଘରୋଇକରଣକୁ ଶୁକ୍ରବାର ବିରୋଧ କରାଯାଇଛି। ଏନେଇ ପାରାଦୀପରେ ୧୧ଟି ଶ୍ରମିକସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଶ୍ରମିକସଂଘର ନେତାମାନେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବନ୍ଦର ଉପାଧ୍ୟକ୍ଷଙ୍କୁ ଦେଇଥିଲେ। ଦେଶର ସମସ୍ତ ବୃହତ ବନ୍ଦରରେ ଏଭଳି ବିକ୍ଷୋଭ କରାଯାଇଛି ବୋଲି ଶ୍ରମିକନେତାମାନେ ସୂଚନା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାର ଅଣସାମ୍ବିଧାନିକ ଭାବେ ମେଜରପୋର୍ଟ ଟ୍ରଷ୍ଟ ଆଇନ ୧୯୬୩ କୁ ସଂଶୋଧନ କରି ମେଜରପୋର୍ଟ ଅଥରିଟି ଆଇନ ୨୦୨୦ ଲାଗୁ କରିଛନ୍ତି। ଏହି ନୂତନ ଆଇନରେ ଲ୍ୟାଣ୍ଡଲର୍ଡ ମଡେଲ ପୋର୍ଟ କରିବା ଆଳରେ ପିପିପି(ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍)ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା କାର୍ଗୋ ହ୍ୟାଣ୍ଡଲିଂ ଟର୍ମିନାଲଗୁଡ଼ିକ ଘରୋଇ ସଂସ୍ଥା ହାତକୁ ଚାଲିଯିବ। ଏହାବାଦ ୧୯୪୭ରୁ ପ୍ରଚଳିତ ଶିଳ୍ପ ବିବାଦ ଆଇନକୁ ସଂଶୋଧନ କରାଯାଇ ଶ୍ରମିକସଂଘ ଗୁଡ଼ିକର ଧର୍ମଘଟ ଅଧିକାର ଉପରେ ଅଙ୍କୁଶ ଲଗାଯାଇଛି। ଜାତୀୟ ସ୍ୱାର୍ଥକୁ ଅଣଦେଖା କରି ରାଷ୍ଟ୍ରାୟତ ଶିଳ୍ପରୁ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବା ଲକ୍ଷ୍ୟରେ ନ୍ୟାଶନାଲ ମନିଟାଇଜେସନ ପାଇପ୍‌ଲାଇନ ବ୍ୟବସ୍ଥା କରାଯାଇଛି। ଦେଶର ୯ ଟି ବୃହତ ବନ୍ଦରରେ ଥିବା ୩୧ ଲାଭଜନକ ପ୍ରକଳ୍ପକୁ ୧୪୪୮୩ କୋଟି ଟଙ୍କାରେ ବିକ୍ରି କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ଦେଶର ୫ କେନ୍ଦ୍ରୀୟ ଫେଡେରେଶନ ଦୃଢ ବିରୋଧ କରିଛି। ଭାରତୀୟ ନୌବାଣିଜ୍ୟ ଉପରୁ ରାଜ୍ୟମାନଙ୍କ କ୍ଷମତା ପ୍ରତ୍ୟାହାର କରିବା ପାଇଁ ପୁରୁଣା ଇଣ୍ଡିଆନ ପୋର୍ଟ ଆଇନ ୧୯୦୮କୁ ପରିବର୍ତ୍ତନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ ଏକ ସଂଶୋଧିତ ବିଲ୍ ସଂସଦରେ ଆଗତ ହୋଇସାରିଛି। ଏସବୁ ବ୍ୟବସ୍ଥାକୁ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ବେଳେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ୱାର୍କର୍ସ ୟୁନିୟନ, ବନ୍ଦର ଶ୍ରମିକ ୟୁନିୟନ, ପୋର୍ଟ ଶ୍ରମିକସଂଘ, ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ୱାର୍କର୍ସ ୟୁନିୟନ,ପୋର୍ଟ ୱାର୍କର୍ସ ୟୁନିୟନ, ପୋର୍ଟ ଡକ ଆଣ୍ଡ ମଜଦୁର ୟୁନିୟନ, ଇଣ୍ଡଷ୍ଟ୍ରିୟାଲ ୱାର୍କର୍ସ ୟୁନିୟନ,, ଡକ ଆଣ୍ଡ କନଷ୍ଟ୍ରକ୍ସନ ୟୁନିୟନ, ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ, ପୋର୍ଟ ଆଣ୍ଡ ଲେବର ୟୁନିୟନ ସାମିଲ ହୋଇଥିଲେ। ଏହି ସମୟରେ ଶ୍ରମିକନେତା ବିଭୁତି ମହାରଣା, ଅନନ୍ତ ଦାସ, ନିମାଇଁ ବରାଳ ଓ ଉଲ୍ଲାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ସେଲ୍‌ସମ୍ୟାନ୍ ଆବଶ୍ୟକ।
ଇଲେକ୍ଟ୍ରିକାଲ ସପ୍,
ଭୁବନେଶ୍ୱର
9437081583

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

APPOINTMENT
Urgently required DRIVER for domestic purpose in Bhubaneswar.
Contact:
9937203178

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
For Apply Contact
7894509327

ଆବଶ୍ୟକ ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକ୍‌ଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)। ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

A leading Health Organization required staff for all over Odisha DISTRICT MANAGER - (All Districts (M/F), Graduation. BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/ 7656007439

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

REQUIRED
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

WANTED
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

GHANASHYAM HEMALATA VIDYAMANDIR, PURI
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- Qualification : - As Per CBSE norms
- Competent & Experienced teachers with fluency in English
- Salary :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at puri.ghvm@gmail.com and send the hard copy to the address given above.

PRINCIPAL

## ସଂକ୍ଷେପରେ

### ବନ୍ୟାସ୍ରୋତରେ ଭାସି ଯାଇଥିବା ବୃଦ୍ଧଙ୍କ ମୃତଦେହ ଜବତ

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.):** ବନ୍ୟାସ୍ରୋତରେ ଗୁରୁବାର ଭାସିଯାଇ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମ ସାହୁସାହିର ଦଉହରି ସାହୁ (୭୦) ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ପୋଖରୀସାହି ନିକଟରୁ ତାଙ୍କ ମୃତଦେହକୁ ବାଛରା ସରପଞ୍ଚଙ୍କ ସହ ଗ୍ରାମବାସୀ ଉଦ୍ଧାର କରିଥିବା ଜଣାଯାଇଛି। ଦଉହରି ଗାଈମାନଙ୍କୁ ଘାସ ଖୁଆଇବା ପାଇଁ ବନ୍ଧକଡକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟୁଥିବା ସମୟରେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ପଡି ଯାଇଥିଲେ। ବନ୍ୟାର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏହା ହେଉଛି ପଟ୍ଟାମୁଣ୍ଡାଇରେ ବନ୍ୟାରେ ଭାସିଯାଇ ପ୍ରଥମ ମୃତ୍ୟୁ ଘଟଣା।

### ବିଶିଷ୍ଟ ଡା. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନପ୍ରିୟ ଡାକ୍ତର ତଥା ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନଙ୍କ ପିତା ଡା. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ଜଣେ ସଫଳ ଡାକ୍ତର ଭାବେ ବହୁ ରୋଗୀଙ୍କୁ ଚିକିତ୍ସା କରି ଭଲ କରିବା ସହ ଗରିବ ଲୋକମାନଙ୍କୁ ସହାୟତା କରୁଥିଲେ। ସେ ସକ୍ରିୟ ରାଜନୀତିରେ ଯୋଗଦେଇ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଉତିକଣ ଅଞ୍ଚଳର ବିକାଶ ପାଇଁ ସଂଗ୍ରାମ ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଜନ୍ମମାଟି ବଉଳାଙ୍ଗ ନିଆଯାଇ ସ୍ଥାନୀୟ ଅଞ୍ଚଳ ସହ ପଟ୍ଟାମୁଣ୍ଡାଇରେ ପରିକ୍ରମା କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଶଶୀଭୂଷଣ ବେହେରା, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ପୂର୍ବତନ ବିଧାୟକ କିଶୋର ତରାଇ, ଅଲେଖ କୁମାର ଜେନା, ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ, ନଗର ବିଜେପି ସଭାପତି ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ବନ୍ଧୁ ମିଳନ

**ଡେରାବିଶ,୨୪।୯(ସ୍ୱ.ପ୍ର.) :** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥିତ ଜୟଭାରତୀ ସାଥୀ ସମାଜ ଦ୍ୱାରା ଆୟୋଜିତ ହୋଇ ଅସୁଥିବା ସାର୍ବଜନୀନ ମା' ଦୁର୍ଗାଙ୍କ ପୂଜା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରାଧାପକ ପ୍ରତାପ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରତିବର୍ଷ ପରି ଅନୁଷ୍ଠାନର ସାଥୀମାନଙ୍କ ମିଳନ ଉତ୍ସବ ହେବା ସହ ରାଜକିଶୋର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସାଥୀସମାଜର ସମ୍ପାଦକ ପୂର୍ବବର୍ଷ ପରି ଦୁର୍ଗାଙ୍କ ପୂଜା ଉତ୍ସବରେ ସରକାରଙ୍କ କରୋନା ସତର୍କତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ସରକାରଙ୍କ କଟକଣା ଅନୁଯାୟୀ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିର ଉଚ୍ଚତା ୪ ଫୁଟ ହେବା ସହ ସାଜସଜ୍ଜା, ଭସାଣି ଉତ୍ସବକୁ ବାତିଲ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦଶହରା ଉପଲକ୍ଷେ ପ୍ରତିବର୍ଷ ହୋଇ ଆସୁଥିବା ଭାରତୀ ସମ୍ମାନ ପ୍ରଦାନ ଉତ୍ସବ ଓ ସ୍ମରଣିକା ପ୍ରକାଶନ ମଧ ବାତିଲ କରାଯିବାକୁ ସ୍ଥିର କରାଗଲା। ସାଥୀସମାଜର ପ୍ରତିଷ୍ଠାତା ତଥା ସମ୍ପାଦକ ନିରଞ୍ଜନ ସାହୁଙ୍କ ଜନ୍ମଦିନ ଅବସରରେ ଉପସ୍ଥିତ ସାଥୀମାନେ ଶୁଭକାମନା ଜଣାଇବା ସହ ତାଙ୍କର ନିରାମୟ ଦୀର୍ଘଜୀବନ କାମନା କରିଥିଲେ। ପୂଜାକୁ ଶୃଙ୍ଖଳିତ କରିବାକୁ ବିଭିନ୍ନ କମିଟି ଗଢ଼ା ଯାଇଥିଲା। ଅନୁଷ୍ଠାନର ସଂଯୋଜିକା ମନୋରମା ରାଉତ, କୈଳାସ ଚନ୍ଦ୍ର ବେଦାନ୍ତ, ତରଣୀସେନ ବାରିକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହସମ୍ପାଦକ ସୁବୋଧ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ଜିଲାରେ ଅନୁପ୍ରବେଶକୁ ଅଣଦେଖା

■ଭୋଟ ବ୍ୟାଙ୍କ ସାଜିଛନ୍ତି ବାଂଲାଦେଶୀ
■ଥ୍ରୀ ଡି ଦ୍ୱାରା ନିରାକରଣ ସମ୍ଭବ
■ସାମୁଦ୍ରିକ ଥାନାର ନାହିଁ ଭିତ୍ତିଭୂମି

**କେନ୍ଦ୍ରାପଡ଼ା ଅଫିସ, ୨୪।୯**

ଗଣେଶ ପୂଜା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଅନୁପ୍ରବେଶ କରି ରହିଥିବା ଆତଙ୍କବାଦୀ ଦେଶର କ୍ଷତି କରିବା ଯୋଜନା ରଖିଥିବା ଗୋଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଅନୁପ୍ରବେଶକୁ ନେଇ ସତର୍କ ନାହିଁ। ଜିଲାର ଉପାନ୍ତ ଅଞ୍ଚଳରେ ଥିବା ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବ ରହିଛି। ବଙ୍ଗୋପସାଗର ରାସ୍ତାରେ ସି ସଟଲ ଯୋଗେ ବାଂଲାଦେଶୀ ଏଠାକୁ ଆସି ରହୁଥିବା ବହୁ ନଜିର ଅଛି। ଭୋଟ ବ୍ୟାଙ୍କ ପାଇଁ ରାଜନେତା ଓ ପ୍ରଶାସକ ଚୁପ ରହୁଥିବା ଦେଖାଯାଉଛି। ଡିଟେକ୍ଟ, ଡିଲିଟ ଓ ଡିପୋର୍ଟ ବା ଥ୍ରୀ ଡି ଦ୍ୱାରା ଏହି ଅନୁପ୍ରବେଶ ସମସ୍ୟା ରୋକାଯାଇପାରିବ ବୋଲି ମତ ମିଳିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ, କଳ୍ପତରୁ ରାଉତରାୟ, ନୟନମଣୀ ସାମଲ, ସମରେନ୍ଦ୍ର ମାହାଳି, ଜଗନ୍ନାଥ ଦାସ ପ୍ରମୁଖ କହିଛନ୍ତି, କିଛିଦିନ ପୂର୍ବେ ଚାନ୍ଦିପୁର ପ୍ରତିରକ୍ଷା ରେଞ୍ଜର କେତେଜଣ କର୍ମଚାରୀ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଖବର ଚର୍ଚ୍ଚାରେ ରହି ଆସିଛି। ଏହି ଜିଲା ନିକଟରେ ଭଦ୍ରକ ଜିଲାର କ୍ଷେପଣାସ୍ତ୍ର ପରୀକ୍ଷା ଘାଟି ହୁଇଲର ଦ୍ୱୀପ ଅଛି। କେନ୍ଦ୍ରାପଡ଼ା ଜିଲା ମଧକୁ ଆସି ଏଠାରେ ରହି ହୁଇଲର ଦ୍ୱୀପ ସମ୍ବନ୍ଧୀୟ ଖବର ସଂଗ୍ରହ ସେମାନଙ୍କ ପାଇଁ ବଡ କଥା ନୁହେଁ। ଦେଶର ପ୍ରତିରକ୍ଷାକୁ ବାଦ ଦେଲେ ମଧ ଆତଙ୍କବାଦ ସହ ଏହି ଜିଲା ସାମିଲ ହୋଇଛି। ୨୦୧୮ରେ ଆତଙ୍କବାଦୀ ଅବଦୁର ରହେମନର ଏହି ଜିଲା ସହ ସମ୍ପର୍କ ଥିବା ଜଣାପଡିଥିବା ବେଳେ ନିକଟସ୍ଥ ହୁଇଲର ଦ୍ୱୀପର ତଥ୍ୟ ଏକ ବେନାମୀ ରେଡିଓ ଷ୍ଟେଶନ ମାଧମରେ ବାହାର ଦେଶକୁ ଯାଉଥିବା ପୂର୍ବରୁ ଧରାପଡିଥିଲା। ଏହା ବ୍ୟତୀତ ଜିଲାକୁ ଅନୁପ୍ରବେଶ ପାଇଁ ବଙ୍ଗୋପସାଗରକୁ ମାଧମ କରାଯାଉଛି। ସି ସଟଲ ଯୋଗେ ମାତ୍ର ୪ ଘଣ୍ଟା ମଧରେ ବାଂଲାଦେଶ ସହିତ ଯୋଡ଼ି ହେଉଛି। ସମୁଦ୍ର ମଧକୁ ଯାତାୟାତ କରୁଥିବା ବୋଟ, ଡଙ୍ଗା, ଟ୍ରଲର ଆଦିକୁ ଯାଞ୍ଚ ବ୍ୟବସ୍ଥା ନ ଥିବାରୁ ଅନୁପ୍ରବେଶ ସହଜ ହୋଇଛି। ଏପରି କି ଭିତରକନିକା ମଧରେ ଥିବା ୪୨ଟି ଗ୍ରାମ ଏବେ ବାଂଲାଦେଶୀଙ୍କ ବାସସ୍ଥଳୀ ହୋଇଛି। ସେହିପରି ଗତ ୩ ବର୍ଷ ଧରି ଅନୁପ୍ରବେଶକୁ ନେଇ କୌଣସି ଅନୁସନ୍ଧାନ ଜିଲା ପ୍ରଶାସନ ପକ୍ଷରୁ କରାଯାଇନାହିଁ। ଏହା ପୂର୍ବରୁ ସାଧାରଣ ନିର୍ବାଚନ ଭୋଟର ତାଲିକା ପାଇଁ ତନଖି ସମୟରେ ମୋଟ ୨୩୭ ଜଣଙ୍କର ଅନୁପ୍ରବେଶ କାରଣରୁ ବାଦ ଦିଆଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ବିଦେଶୀ ନାଗରିକ ଆଇନ ୧୯୪୭ ଧାରା ୩ରେ ଏହି ୨୩୭ ଚିହ୍ନଟ ବ୍ୟକ୍ତିଙ୍କୁ ଦେଶାନ୍ତର ନୋଟିସ ଦିଆଯାଇନାହିଁ। ଗତ ଦୁଇବର୍ଷ ଧରି କରୋନା ସଂକ୍ରମଣ ସମୟରେ ଏହି ଜିଲାକୁ ଅନୁପ୍ରବେଶ ବୃଦ୍ଧି ପାଇଛି। ଉପାନ୍ତ ଅଞ୍ଚଳର ଜଙ୍ଗଲ ଜମି ଏବେ ଅନୁପ୍ରବେଶକାରୀଙ୍କ ହାତକୁ ଚାଲିଯାଉଛି। ଏସବୁ ସ୍ଥାନୀୟ ରାଜନେତା ଜାଣିଥିଲେ ମଧ ଭୋଟ ବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ଏଠାରେ ରହିବା ସୁଯୋଗ ଦେଉଛନ୍ତି। ଏହାର ନିରାକରଣ ପାଇଁ ୩ ଡି ଆବଶ୍ୟକ। ପ୍ରତ୍ୟେକ ଗାଁରେ ଆସି ରହୁଥିବା ବ୍ୟକ୍ତିଙ୍କ ଚିହ୍ନଟୀକରଣ ପ୍ରାଥମିକ କର୍ତ୍ତବ୍ୟ ଜିଲାବାସୀଙ୍କ ପାଇଁ ହୋଇଛି। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ପଡୋଶୀ ସ୍ଥାନୀୟ ପ୍ରଶାସନ ନିକଟରେ ଜଣାଇଲେ ସମସ୍ୟାର ସମାଧାନ ହୋଇପାରିବ। ସେହିପରି ସରକାରୀ ଯୋଜନାରେ ସାମିଲ ହୋଇଥିବା ଅନୁପ୍ରବେଶକାରୀଙ୍କୁ ବାଦ୍ ଦେବା ଓ ଦେଶାନ୍ତର କରାଇବା ଆବଶ୍ୟକ। ୩ ସାମୁଦ୍ରିକ ଥାନାରେ କର୍ମଚାରୀ ଓ ଭିତ୍ତିଭୂମି ସୁଦୃଢ଼ କଲେ ଅନୁପ୍ରବେଶ ରୋକି ହେବ ବୋଲି ସେମାନେ ମତ ଦେଇଛନ୍ତି। ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ସାମୁଦ୍ରିକ ଥାନା ଭିତ୍ତିଭୂମିର ଉନ୍ନତୀକରଣ ହେଉଛି ବୋଲି କହିଛନ୍ତି। ସେହିପରି ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଏ ନେଇ ବୈଠକରେ ଆଲୋଚନା ହୋଇଛି। ଜଙ୍ଗଲ ଜମି ଜବରଦଖଲକାରୀଙ୍କୁ ହଟାଯାଉଛି। ଅନୁପ୍ରବେଶକାରୀଙ୍କୁ ଚିହ୍ନଟୀକରଣ ପାଇଁ ଗାଁ ସ୍ତରରେ ସହଯୋଗ ଲୋଡ଼ା ବୋଲି ସେ କହିଛନ୍ତି।

## ଖଣତା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀମାନେ।

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ବ୍ଲକ କଂଗ୍ରେସ ଉପସଭାପତି ମାଗୁଣୀ ଚରଣ ଲେଙ୍କା, କୃଷକ ସେଲ ସଭାପତି ନିମାଇଁ ଚରଣ କର, ସମୀର ପ୍ରଧାନ ପ୍ରମୁଖ ବହୁ କଂଗ୍ରେସନେତା ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କଂଗ୍ରେସ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କଂଗ୍ରେସ ନେତା ଗଗନ ବିହାରୀ ମହାନ୍ତିଙ୍କୁ ସଭାପତି, ଅନନ୍ତ କିଶୋର ରାଉତ, ବିଦ୍ୟାଧର ନାୟକ, କୁଳମଣି ସେଠୀ ଉପସଭାପତି, ସୁରେନ୍ଦ୍ର ଦାଶ, ସୁଶୀଲ କୁମାର ରାଉତ, ସୁଦର୍ଶନ ପ୍ରଧାନ, ଶୈଳେନ୍ଦ୍ର ବାରିକ ସାଧାରଣ ସମ୍ପାଦକ, ପ୍ରଭାତ କୁମାର ସେଠୀ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ସେହିପରି ପବିତ୍ର ଲେଙ୍କାଙ୍କୁ ଯୁବ କଂଗ୍ରେସ ସଭାପତି, ଅମର ମଳିକଙ୍କୁ ଦଳିତ ସେଲ ସଭାପତି, ଉମ୍ବରୁଧର ମଳିକଙ୍କୁ କୃଷକ ସେଲ ସଭାପତି ଓ ସୀତା ଦେବୀଦାସଙ୍କୁ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ମନୋନିତ କରାଯାଇଥିଲା।

# ଆଶୀର୍ବାଦ ଯୋଜନାରେ ଉପକୃତ ହେବେ ୧୧୦ ଶିଶୁ



ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ଆସିଥିବା ଜଣେ ବାଳିକା ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଆଶୀର୍ବାଦ ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ସହରାଞ୍ଚଳରୁ ୧୧୦ ଜଣ ଶିଶୁ ଉପକୃତ ହେବେ। ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ କେନ୍ଦ୍ରାପଡ଼ା ଜିଲା ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ଶାଖା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଚୟନ ଶିବିରରେ ବିଭିନ୍ନ କାରଣରୁ ପିତାମାତା ହରାଇଥିବା ୧୧୦ ଜଣ ଯୋଗ୍ୟ ବିବେଚିତ ଶିଶୁଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ସୁପାରିସ କରି କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟକୁ ତାଲିକା ପଠାଯାଇ ସ୍ୱୀକୃତି ପାଇଁ ଅନୁରୋଧ କରାଯାଇଛି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ୧୮ବର୍ଷ ବୟସ ପର୍ଯ୍ୟନ୍ତ ମାସିକ ୧୫ ଶହ ଟଙ୍କା ଲେଖାଏ ଆର୍ଥିକ ସହାୟତା ପାଇବେ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ କମିଟି ସଦସ୍ୟା ସ୍ମିତାଞ୍ଜଳୀ ମହାପାତ୍ର, ଲଳିତାଞ୍ଜଳୀ ଦାଶ, ସଦସ୍ୟ କିଶୋର କୁମାର ସ୍ୱାଇଁ, ନରୋତ୍ତମ ପଟ୍ଟନାୟକ, ଶିଶୁ ସୁରକ୍ଷା ଶାଖାର ଶୁଭଲିପ୍ସା ବାରିକ, ଉଷାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ସିଡିପିଓ ମୁକ୍ତାରୀ ବେଗମ୍‌ଙ୍କ ସମେତ ଅଙ୍ଗନୱାଡି ସୁପରଭାଇଜରମାନେ ଯୋଗ ଦେଇଥିଲେ।

## ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

**ଚଣ୍ଡିଖୋଲ,୨୪।୯(ଡି.ଏନ.ଏ.)**

ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଗୌରାଙ୍ଗ ମଲ୍ଲିକ(୩୮)। ପୋଲିସ ସୂଚନା ଅନୁଯାୟୀ, ଗୌରାଙ୍ଗ ଏହି ଥାନା ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସହ ଭିଡିଓ କଲିଂ କରି କଥା ହେଉଥିଲେ। ଏଥିସହିତ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଫଟୋ ଓ ଭିଡିଓକୁ ମହିଳାଙ୍କ ନିକଟ ସମ୍ପର୍କୀୟଙ୍କୁ ପଠାଇ ତାଙ୍କୁ ବ୍ଲାକମେଲ କରିବା ସହ ବିଭିନ୍ନ ଧମକ ଦେଉଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ।

## ହରିଣ ଶିକାର ପୂର୍ବରୁ ଜାଲ, ଫାଶ, କଟୁରି ଜବତ, ୩ ଶିକାରୀ ଗିରଫ

**ରାଜନଗର, ୨୪।୯(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନରେ ଫାଶ ମାଧ୍ୟମରେ ହରିଣ ଶିକାର ଉଦ୍ୟମ ଫସର ଫାଟିଛି। ହରିଣ ଶିକାର ପାଇଁ ଶିକାରୀମାନେ ଜାଲ ଓ ଫାଶ ବସାଇ ଥିବାବେଳେ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶିକାରୀମାନଙ୍କୁ କାବୁ କରି ନେଇଛନ୍ତି। ସୂଚନା ମୁତାବକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁର ଶିବଶମ୍ଭୁ ତରାଇ, ମଧୁ ମହାଳିକ, ନିରଞ୍ଜନ ମଣ୍ଡଳ, ନିର୍ମଳ ତରାଇ ଓ ଈଶ୍ୱରପୁର ଗାଁର ସୁନିଲ ଓଝା ଭିତରକନିକା ଫରେଷ୍ଟ ବ୍ଲକର ପତିଯୋର ନିକଟରେ ହରିଣ ଶିକାର ପାଇଁ ଜାଲ ଘେରାଇବା ସହ ୧୫ଟି ଫାଶ ବସାଇଥିଲେ। ହରିଣ ଶିକାର କରି ଜଙ୍ଗଲ ଭିତରେ ହରିଣକୁ କାଟି ଆଣିବା ପାଇଁ ସାଙ୍ଗରେ ୨ଟି କଟୁରି ନେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଶୁକ୍ରବାର ଭୋର ୫ଟାରେ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଶାନ୍ତ ସିଂ, ଫରେଷ୍ଟ ଗାର୍ଡ, ସୁନୀଲ ରଞ୍ଜନ ରାଉତରାୟ, ସୁବାସ ମାଝି, ଶ୍ରୀରାମ ମୁର୍ମୁ ପ୍ରମୁଖ ସଦଳବଳ ସେଠାରେ ପହଞ୍ଚି ଶିବଶମ୍ଭୁ ତରାଇ, ମଧୁ ମହାଳିକ ଓ ନିରଞ୍ଜନ ମଣ୍ଡଳଙ୍କୁ କାବୁ କରିଥିଲେ। ମାତ୍ର କୌଶଳକ୍ରମେ ନିର୍ମଳ ତରାଇ ଓ ସୁନିଲ ଓଝା ଫେରାର ହୋଇଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଘଟଣାସ୍ଥଳରୁ ୩ଜଣ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନେ ହରିଣ ଶିକାର ପାଇଁ ଜଙ୍ଗଲକୁ ନେଇଥିବା ଦୁଇଟି କଟୁରି ଓ ଜଙ୍ଗଲରେ ବସାଇଥିବା ୨ଟି ଜାଲ ଓ ୧୫ଟି ଫାଶକୁ ଜବତ କରାଯାଇଛି।



ଜବତ ହୋଇଥିବା ଫାଶ, ଜାଲ ଓ କଟୁରୀ।

## ନକଲି ମଦ ସାମଗ୍ରୀ ଜବତ, ୨ ଗିରଫ

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସହରର ଉପକଣ୍ଠ ବୃନ୍ଦିଅ ଛକ ନିକଟରେ ନକଲି ମଦ ପ୍ରସ୍ତୁତ କରୁଥିବା ୨ଜଣ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ନକଲି ମଦ ପ୍ରସ୍ତୁତକାରୀ ସାମଗ୍ରୀ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଆଳି ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସ ହୋଇଥିବାବେଳେ ଅନ୍ୟ ଜଣେ ବାରୁଅ ନିକଟସ୍ଥ ପୋଇପାଟ ଅଞ୍ଚଳର ଦେବାଶୀଷ ଦାସ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଇନ୍ସପେକ୍ଟର କମଳ ଲୋଚନ ପାଇକରାୟଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ୫୦ ଲିଟର ନକଲି ମଦ, ୧୬୦ କାଚ ବୋତଲ, ୮୦୭ଟି ବୋତଲ ଠିପି, ୨୭୦ ନକଲି ଅବକାରୀ ଷ୍ଟାମ୍ପ ସହ ଗୋଟିଏ ବାଇକ୍‌କୁ ଅବକାରୀ ବିଭାଗ ଜବତ କରିଛି। ନକଲି ମଦ ପ୍ରସ୍ତୁତକାରୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ପଟ୍ଟାମୁଣ୍ଡାଇରେ ଆଇନ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ,୨୪।୯(ସ୍ୱ.ପ୍ର.)**

ଗରିବ ଅସହାୟଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଦିଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହିକ୍ରମରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ପଟ୍ଟାମୁଣ୍ଡାଇ କୋର୍ଟ ସବ୍‌ଜଜ୍ ଗୋପବନ୍ଧୁ ଗଡନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଭାକର ରାଉତ, ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ସଭାପତି ଭୀମସେନ ପରିଡା, ସମ୍ପାଦକ ତପନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ସାମ୍ପ୍ରତିକ ପରିସ୍ଥିତିରେ ମହିଳା ଓ କିଶୋରୀମାନଙ୍କ ପ୍ରତି ଅପରାଧୀମାନଙ୍କ ଦ୍ୱାରା ଦୈନିକ ଘଟୁଥିବା ଅପରାଧମୂଳକ ଘଟଣାରେ ଆଇନରେ କେଉଁ ସବୁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଆଇନଜୀବୀ ରବିନାରାୟଣ ଦାଶ, ବିଦ୍ୟାଧର ଦାଶ, ଭବାନୀ ଶଙ୍କର ପଣ୍ଡା, ପ୍ରଦ୍ୟୁମ୍ନ ସାମନ୍ତରାୟ, ପିଏଲଭି ପ୍ରଫୁଲ୍ଲ ଦାଶ, ଦେବାଶିଷ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ଆତ୍ମହତ୍ୟା ପାଇଁ ଲୁଣା ସେତୁରୁ ଡେଇଁ ବୃଦ୍ଧ ଭାସି ଗଲେ

**ଡେ଼ରାବିଶ,୨୪।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତର ଲୁଣାନଦୀ ଉପରେ ଥିବା ସେତୁ ଉପରୁ ଶୁକ୍ରବାର ମାଧାହ୍ନରେ ଜଣେ ବୃଦ୍ଧ ନଦୀ ମଧକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବୃଦ୍ଧ ଜଣକ ହେଲେ ଦାନପୁର ପଞ୍ଚାୟତ ଭାଗବତପୁର ଗାଁର ମୋହନ ଜେନା(୮୦)। ତେବେ ବୃଦ୍ଧଙ୍କୁ ଖୋଜିବା ପାଇଁ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ବୃଦ୍ଧଙ୍କ କୌଣସି ପତ୍ତା ମିଳିପାରିନାହିଁ। ତେବେ କେଉଁ କାରଣ ପାଇଁ ବୃଦ୍ଧ ଜଣକ ଏପରି ଉଦ୍ୟମ କରିଛନ୍ତି ତାହାର କାରଣ ଅସ୍ପଷ୍ଟ ରହିଛି।

## ନହଙ୍ଗ ସମବାୟ ସମିତି ସମ୍ପାଦକ ନିଲମ୍ବିତ

**ଡେ଼ରାବିଶ,୨୪।୯ (ସ୍ୱ.ପ୍ର.)**

ରବି, ଖରିଫ ଚାଷ ପାଇଁ ଚାଷୀଙ୍କ ନିମନ୍ତେ ଆସିଥିବା ସାର ଓ ସମବାୟ ସମିତିର ଅର୍ଥକୁ ହେରଫେର କରିଥିବା ଡେରାବିଶ ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରସନ୍ନ କୁମାର ପାତ୍ରଙ୍କୁ ନିଲମ୍ବିତ କରାଯାଇଛି। ଜିଲା ସମବାୟ ବିଭାଗ ସହକାରୀ ଉପନିବନ୍ଧକ ମନମୋହନ ରାଉତ ଅର୍ଡର ନଂ. ୨୫/୨୦।୯।୨୧ରେ ପ୍ରସନ୍ନଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ଏହି ଆଦେଶ ଆସିବା ପରେ ବ୍ଲକ ଅଧୀନ କାଉପଡା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଗୌରାଙ୍ଗ ପ୍ରଧାନଙ୍କୁ ଉକ୍ତ ନହଙ୍ଗ ସମବାୟ ସମିତିର ଦାୟିତ୍ୱ ହସ୍ତାନ୍ତର କରିବାକୁ ବିଭାଗୀୟ ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଶାସନିକ ଅଧିକ ରାଉତଙ୍କ ସୂଚନା ଅନୁଯାୟୀ, ଜିଲାରେ ସାର ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଉକ୍ତ ସମିତିକୁ ଦିଆଯାଇଥିବା ୨୦୦ ବସ୍ତା ସାରକୁ ସମ୍ପାଦକ ପ୍ରସନ୍ନ କଳାବଜାରରେ ବିକ୍ରି କରିଥିବା ଜଣାଯାଇଛି। ଏଥିସହ ପ୍ରଶାସନିକ ଅଧିକାରୀଙ୍କ ବିନା ଅନୁମତିରେ ସମିତି ଜମାଖାତାରେ ଥିବା ଲାଭାଂଶ ବାବଦ ୧ ଲକ୍ଷ ୬୦ ହଜାର ଟଙ୍କାକୁ ସେ ଉଠାଇ ନେଇଛନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରି ବିକ୍ରୟ ସାର ଟଙ୍କାକୁ ତାଙ୍କ ଜମାଖାତାରେ ଜମା କରିଦେଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ରବି, ଖରିଫ ଫସଲ ପାଇଁ ଚାଷୀଙ୍କ ପାଇଁ ଆସିଥିବା ଋଣ ଟଙ୍କା ହେରଫେର କରିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ସମବାୟ ସମିତିର କ୍ରେଡିବିଲିଟି ରିପୋର୍ଟ ବ୍ୟାଙ୍କକୁ ଦିଆ ନ ଯାଇ ୪୨,୧୨,୨୫୦ ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ଚାନ୍ଦୋଳ ଶାଖାରୁ ପ୍ରଶାସନିକ ଅଧିକାରୀଙ୍କ ବିନା ଅନୁମତିରେ ଉଠା ଯାଇଛି। ୪୮ ଜଣ ଚାଷୀଙ୍କୁ ଏହି ଋଣ ପ୍ରଦାନ କରାଯାଇଛି। ମାତ୍ର କେଉଁ ଚାଷୀ ଋଣ ନେଇଛନ୍ତି ତାହାର ଠିକ୍ ବିବରଣୀ ଯାଞ୍ଚ ସମୟରେ ପ୍ରସନ୍ନ ଅଧିକାରୀଙ୍କୁ ପ୍ରଦାନ କରି ପାରିନାହାନ୍ତି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ସମିତିରେ ହୋଇଥିବା ଦୁର୍ନୀତି ଉପରେ ସମବାୟ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ପ୍ରସନ୍ନଙ୍କୁ ଏ ବାବଦରେ ଜିଲା ସହକାରୀ ଉପନିବନ୍ଧକ ଚଳିତ ମାସ ୮ତାରିଖ ଚିଠି ନଂ.୨୨ରେ କାରଣ ଦର୍ଶାଅ ନୋଟିସ ଜାରିଥିଲେ। ପ୍ରସନ୍ନ ଏ ସମ୍ପର୍କରେ ଗତ ୧୮ ତାରିଖ ଲିଖିତ ଭାବେ ପ୍ରଶାସନିକ ଅଧିକାରୀଙ୍କୁ ପତ୍ର ଲେଖି ସମସ୍ତ ଦୋଷ ସ୍ୱୀକାର କରିଥିବା ନେଇ ରାଉତ ସୂଚନା ଦେଇଛନ୍ତି।

# ସରକାରୀ ଚାକିରି ମାନ୍ୟତା ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

**ରାଜନଗର,୨୪।୯(ଡି.ଏନ.ଏ.)**

ରାଜନଗର ବ୍ଲକରେ କାର୍ଯ୍ୟରତ ଆଶାକର୍ମୀମାନଙ୍କୁ ସରକାରୀ ଚାକିରି ମାନ୍ୟତା, ଆଶାକର୍ମୀଙ୍କୁ ପ୍ରମୋଶନ ଦେବା ଓ ୨୧ ହଜାର ଟଙ୍କା ମାସିକ ପାରିଶ୍ରମିକ ଦେବା ଦାବିରେ ନିଖିଳ ଉତ୍କଳ ଆଶାକର୍ମୀ ସଂଘର ରାଜନଗର ଶାଖା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜନଗରସ୍ଥିତ ମା'ତାରିଣୀ ମନ୍ଦିର ନିକଟରୁ ଆଶାକର୍ମୀମାନେ ସେମାନଙ୍କ ଦାବି ସମ୍ପର୍କରେ ସ୍ଲୋଗାନ ଦେଇ ରାଜନଗର ଗାଁ ଓ ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚି ଥିଲେ। ବ୍ଲକ ପରିସରରେ ସେମାନଙ୍କ ଦାବି ସମ୍ପର୍କରେ କହିବା ସହ କୋଭିଡ୍ ପାରିଶ୍ରମିକ ହଜାର ଟଙ୍କା ଚଳିବ ନାହିଁ ଓ ଦରଦାମ ବୃଦ୍ଧି କମାଇବାକୁ ଦାବି କରିଥିଲେ। ରାଜନଗର ସଂଘର ସଭାନେତ୍ରୀ ଦମୟନ୍ତୀ କୁଣ୍ଡ, ସମ୍ପାଦିକା ଶାନ୍ତିଲତା ସାହୁ, ମିନତି ସାହୁ, ଏଆଇଟିୟୁସିର ଅକ୍ଷୟ କୁମାର ମଳିକ, ଭାଗ୍ୟଧର ପ୍ରଧାନ, ପ୍ରମିଳା ଦାସ, ରୀନାରାଣୀ ନାୟକ, ଦେବକୀ ବେହେରା, ନିରୁପମା ଦାସ ପ୍ରମୁଖ ଶତାଧିକ ଆଶାକର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।




ବିକ୍ଷୋଭରେ ସାମିଲ ହୋଇଥିବା ରାଜନଗର ବ୍ଲକର ଆଶାକର୍ମୀମାନେ।

## ସଂକ୍ଷେପରେ

### ଖୋଲାଗଲା ବଳଦେବ ମନ୍ଦିର ହୁଣ୍ଡି
**ବାହାରିଲା ଲକ୍ଷାଧିକ ଟଙ୍କା**

**ବୁଗୁଡ଼ା,୨୪।୯(ଡି.ଏନ.ଏ.):** ଦୀର୍ଘ ୨ ବର୍ଷ ବ୍ୟବଧାନରେ ବୁଗୁଡ଼ା ବଳଦେବ ମନ୍ଦିରର ହୁଣ୍ଡିକୁ ଶୁକ୍ରବାର ଖୋଲାଯାଇ ଭକ୍ତଙ୍କ ଦାନାର୍ଥକୁ ସଂଗ୍ରହ କରାଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ତହସିଲଦାର ସଂଗ୍ରାମ କେଶରୀ ଜେନା, ଆଇଆଇସି ଚିତ୍ତ ରଞ୍ଜନ ବେହେରା, କମିଟି ସମ୍ପାଦକ ଶରତ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରଘୁନାଥ ସାହୁ, ସହସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସଦସ୍ୟ ଅନିଲ ପଟ୍ଟନାୟକ, ମନ୍ଦିର ପୂଜକ ରମେଶ ଚନ୍ଦ୍ର ପାଣି ଓ ଅଶୋକ ପାଣି ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତିଙ୍କ ଉପସ୍ଥିତିରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ଗଣତି ପରେ ହୁଣ୍ଡିରୁ ସଂଗୃହୀତ ଦାନାର୍ଥର ପରିମାଣ ୧ଲକ୍ଷ ୩ ହଜାର ଟଙ୍କାକୁ ବ୍ୟାଙ୍କରେ ଜମା କରାଯାଇଛି।

### ବିଷକ୍ରିୟାରେ ଛାତ୍ରୀ ମୃତ

**ବ୍ରହ୍ମପୁର ଅଫିସ,୨୪।୯:** ବିଷ ପ୍ରକ୍ରିୟାରେ ଗୁରୁତର ଥିବା ଜଣେ ଛାତ୍ରୀଙ୍କ ଏମକେସିଜି ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ପୂଜାରାଣୀ ସେଠୀ(୧୭)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୪୭୬/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୂଜାରାଣୀ ଯୁକ୍ତ ୨ ଶେଷ ବର୍ଷର ଛାତ୍ରୀ ଥିଲେ। କୌଣସି ଏକ ଘଟଣାକୁ ନେଇ ମା' ତାଙ୍କୁ ଗୁରୁବାର ସକାଳେ ତାଗିଦ କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷପାନ କରିଥିଲେ। ତାଙ୍କୁ ପ୍ରଥମେ ଆସିକା ଓ ପରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୂଜାରାଣୀଙ୍କର ମୃତ୍ୟୁ ଘଟିଥିଲା।

### ଏନଏସ୍ଏସ୍ ଦିବସକୁ ଭୁଲିଗଲେ

**ଭଞ୍ଜନଗର,୨୪।୯(ଡି.ଏନ.ଏ):** ଜାତୀୟ ସେବା ଯୋଜନା (ଏନଏସ୍ଏସ୍) ମହତ୍ ଉଦ୍ଦେଶ୍ୟ ନେଇ ଗଠନ ହୋଇଛି । ହେଲେ ଧିରେ ଧିରେ କଲେଜଗୁଡ଼ିକରେ ଥିବା ଏନଏସ୍ଏସ୍ ଶାଖାଗୁଡ଼ିକ ସ୍ଥାଣୁ ପାଲଟି ଗଲାଣି । ପରିଚାଳନାଗତ ତ୍ରୁଟି ଏବଂ ଶାଖାଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଅନୁଦାନ ମିଳୁ ନ ଥିବା ଯୋଗୁ ଏହି ଅବସ୍ଥା ଉପୁଜିଛି। ସେପ୍ଟେମ୍ବର ୨୪କୁ ଏନଏସ୍ଏସ୍ ଦିବସ ଭାବେ ପାଳନ କରାଯାଏ। କିନ୍ତୁ ଭଞ୍ଜନଗର ଅଞ୍ଚଳର ଅନେକ କଲେଜରେ ଶୁକ୍ରବାର ଏହି ଦିବସ ପାଳନ ହୋଇପାରିନାହିଁ । ଛାତ୍ରୀଛାତ୍ର ଏବଂ ଯୋଜନା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ, ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଧିକାଂଶ ସମୟ କାର୍ଯ୍ୟ ଚାପରେ ରହୁଥିବା ଯୋଗୁ ଉତ୍ସାହ ନ ଦେଖାଇବା, ବିଶ୍ୱବିଦ୍ୟାଳୟ ମଧ୍ୟ ଅନୁଦାନ ଠିକ୍ ସମୟରେ ନ ଦେବା ଏହାର ମୁଖ୍ୟ କାରଣ। ଏଭଳି ସ୍ଥିତିରେ ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ଏନଏସ୍ଏସ୍ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଜିଲା ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ବି.ଗୋବିନ୍ଦ ରାଓ, ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ ।

# ସାର ପାଇଁ କୃଷକ ସଭାର ଆନ୍ଦୋଳନ

**ଦଶପଲ୍ଲା, ୨୪।୯( ଡି.ଏନ.ଏ.)**

ଦଶପଲ୍ଲା ବ୍ଲକର ଖମାରସାହି ସେବା ସମବାୟ ସମିତି ସମ୍ମୁଖରେ ଶୁକ୍ରବାର ସାର ପାଇଁ କୃଷକମାନେ ଆନ୍ଦୋଳନ କରିଥିଲେ। କୃଷକ ନେତା ଚଣ୍ଡାଳ ପ୍ରଧାନଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ଠିକ୍ ସମୟରେ ଯୋଗାଇ ଦିଆଯାଉଥିବା ସାର କେବଳ ମଣ୍ଡିରେ ପଞ୍ଜୀକୃତ ଚାଷୀଙ୍କୁ ଦିଆଯିବ। ଅନ୍ୟମାନଙ୍କୁ ଦିଆଯିବ ନାହିଁ ବୋଲି ସମ୍ପାଦକ କହି ଲୋକଙ୍କୁ ଫେରାଉଥିବା ଅଭିଯୋଗ କରି କୃଷକମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଆନ୍ଦୋଳନକାରୀ କୃଷକ ସମବାୟ ସମିତି ଆଗରେ ଧାରଣା ଦେବା ସହ ନୟାଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବାସ୍ତବରେ ମଣ୍ଡିରେ ପଞ୍ଜୀକୃତ ଚାଷୀ ସଂଖ୍ୟା ୩୭୩ ଥିବା ବେଳେ ସମ୍ପାଦକଙ୍କ ସୂଚନା ଅନୁଯାୟୀ ୩୬୦ ବସ୍ତା ସାର ଆସିଛି। ଯେହେତୁ ୧୩ବସ୍ତା ସାର କମ୍ ଅଛି ତେଣୁ କେତେଜଣ ଚାଷୀଙ୍କୁ ଫେରାଇ ଦିଆଯାଇଛି। ଅପରପକ୍ଷରେ ଆନ୍ଦୋଳନକାରୀ କୃଷକମାନେ ବ୍ୟାନର ବାନ୍ଧି ଆନ୍ଦୋଳନ କରିବା ପରେ ସାର ଦିଆ ଯାଇଥିବା ଜଣାଯାଇଛି। ଚାଷୀମାନେ ସାର ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଚାଷୀଙ୍କ ସୂତ୍ରରୁ ଜଣାଯାଇଛି।



ସାର ପାଇଁ ଖମାରସାହି ସେବା ସମବାୟ ସମିତି ସମ୍ମୁଖରେ କୃଷକମାନଙ୍କ ବିକ୍ଷୋଭ ପ୍ରଦର୍ଶନ।

# ରୋଗପୋକ ଦମନ ପାଇଁ ଦେବୀଙ୍କ ଝଣ୍ଡା, ଖଣ୍ଡାକୁ ଗାଁ ପରିକ୍ରମା

**ଖଣ୍ଡପଡ଼ା,୨୪।୯(ସ୍ୱ.ପ୍ର.)**

ଗ୍ରାମର ବୟସ୍କ ବ୍ୟକ୍ତିଙ୍କ ଲୋକକଥାକୁ ଆଧାର କରି ଗ୍ରାମାଞ୍ଚଳରେ ଅନେକ ପ୍ରଥା ପାଳିତ ହୋଇଆସୁଛି । ଯେପରି ଝାଡ଼ା ବାନ୍ତି, ମହାମାରୀ ରୋଗରୁ ମୁକ୍ତି ପାଇଁ ଘରେ ଘରେ ଏବଂ ଗାଁ ମୁଣ୍ଡରେ ପଣାପାଣି ଗ୍ରାମ ଦେବୀ ଦେବତାଙ୍କୁ ପ୍ରଦାନ କରାଯାଇଥାଏ। ସେହିପରି ଏହି ଲୋକକଥାକୁ ଆଧାର କରି ଧାନ ଫସଲରେ ଲାଗିଥିବା ରୋଗ ପୋକ ଦମନ ପାଇଁ ମଧ୍ୟ ପୂଜା ପାଠ ସହ ଠାକୁରାଣୀଙ୍କ ଝଣ୍ଡା ଓ ଖଣ୍ଡାକୁ ମଧ୍ୟ ଗ୍ରାମ ପରିକ୍ରମା କରାଯାଇଥାଏ। ଏପରି ଏକ ପ୍ରଥାକୁ ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତ ଅଞ୍ଚଳରେ। ସିଧାମୂଳା ଗାଁରେ ଗ୍ରାମ ଦେବତୀ ମାଡ଼ ରାମଚଣ୍ଡୀଙ୍କ ଉପରେ ଗ୍ରାମବାସୀଙ୍କ ଅତୁଟ ବିଶ୍ୱାସ। ତେଣୁ ଚଳିତବର୍ଷ ଲଗାଣ ବର୍ଷା ଫଳରେ ଧାନରେ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ତେଣୁ ପୂର୍ବଜମାନଙ୍କ କଥାକୁ ଆଧାର କରି ଶୁକ୍ରବାର ସିଧାମୂଳା ଅଞ୍ଚଳବାସୀ ରାମଚଣ୍ଡୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଆଜ୍ଞାମାଳ(ଝଣ୍ଡା) ଓ ଖଣ୍ଡାକୁ ଗ୍ରାମ ପରିକ୍ରମା କରାଇଥିଲେ। ପରେ ଠାକୁରାଣୀଙ୍କ ଝଣ୍ଡା ଓ ଖଣ୍ଡାକୁ ଫସଲ ହୋଇଥିବା ଜମିଗୁଡିକରେ ପରିକ୍ରମା କରାଯାଇଥିଲା। ମନ୍ଦିରରେ ପୂଜା ପାଉଥିବା ଖଣ୍ଡା ଓ ଆଜ୍ଞାମାଳ ଗ୍ରାମ ପରିକ୍ରମା କଲେ ଧାନ ଫସଲରେ ଲାଗିଥିବା ରୋଗପୋକ ଦମନ ହୋଇଥାନ୍ତି ବୋଲି ଜନମୁଖରୁ ଶୁଣିବାକୁ ମିଳେ। କେଉଁ ଆବାହମାନ କାଳରୁ ସିଧାମୂଳା ଗ୍ରାମରେ ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଛି। ଗ୍ରାମ ଦେବତୀଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ।


ଠାକୁରାଣୀଙ୍କ ଝଣ୍ଡା ଓ ଖଣ୍ଡାକୁ ଗାଁ ପରିକ୍ରମା କରାଯାଉଛି।

# ଆଶାକର୍ମୀଙ୍କ ଗଣ ବିକ୍ଷୋଭ

**ନୟାଗଡ଼ ଅଫିସ,୨୪।୯**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଆଶାକର୍ମୀଙ୍କ ଗଣବିକ୍ଷୋଭ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ନୟାଗଡ଼ ସିନ୍ଦୁରିଆ ଛକଠାରୁ ଶତାଧିକ କର୍ମୀଙ୍କ ଶୋଭାଯାତ୍ରା ବାହାରି ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ପ୍ରାୟ ୨ ଘଣ୍ଟା ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଜିଲା ସଭାପତି ସୁରେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ କେନ୍ଦ୍ର ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ, ଶ୍ରମିକ ମାରଣ ନୀତି ଓ ସ୍ୱାସ୍ଥ୍ୟ ସେବାର ଘରୋଇକରଣ ନୀତିକୁ ବକ୍ତାମାନେ ସମାଲୋଚନା କରିଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁର ସଭାପତି ବିଶ୍ୱନାଥ ମହାପାତ୍ର, ଜିଲା ସମ୍ପାଦକ ଶରତ ବେହେରା, ସଂଯୁକ୍ତା ସେଠୀ, ଆଶାକର୍ମୀଙ୍କ ଜିଲା ସମ୍ପାଦିକା ନଳୀନ ଦାସ, ଜାମିନ ରାଣୀ ବେହେରା, ସସ୍ମିତା ପଟ୍ଟନାୟକ, ସଂଯୁକ୍ତା ପଣ୍ଡା, ରୂପମଞ୍ଜରୀ ସାହୁ, ବାସନ୍ତୀ ସାହୁ, ସରୋଜିନୀ ତ୍ରିପାଠୀ, ଶଶିକଳା ନାୟକ, ମଙ୍ଗୁଳି ସାହୁ, ସରୋଜିନୀ ସାହୁ, ପ୍ରତିଭା ବେହେରା ପ୍ରମୁଖ ବକ୍ତବ୍ୟ ରଖି ଥିଲେ। ଶେଷରେ ପ୍ରତିନିଧି ମଣ୍ଡଳୀ ସିଡିଏମ୍‌ଙ୍କୁ ଭେଟି ୧୮ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଦେବା ସହ ଜିଲାରେ ଦେଖା ଦେଇଥିବା ସମସ୍ୟାଗୁଡିକ ଉପରେ ଏକ ଦାବିପତ୍ର ମଧ୍ୟ ଦେଇ ତୁରନ୍ତ ସମାଧାନ ପାଇଁ କହିଥିଲେ।


ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଲାଞ୍ଚ ମାମଲାରେ ଯୋଗାଣ ନିରୀକ୍ଷକ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୪।୯**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଶୁକ୍ରବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ଉପଯୁକ୍ତ ପ୍ରମାଣ ଅଭାବରୁ ପୋଲସରାର ତତ୍କାଳୀନ ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଜୟରାମ ବର୍ତ୍ତମାନ ଛତ୍ରପୁରରେ କାର୍ଯ୍ୟରତ ଅଛନ୍ତି। ପୋଲସରା ବ୍ଲକ ବୁଢ଼େଇଗୁଣିର ପ୍ରଭାକର ପରିଡ଼ା ଏନ୍. ଗୋପିନାଥପୁରରେ ଜଗନ୍ନାଥ ରାଇସ୍ ମିଲ୍ କରିଛନ୍ତି। ଗତ ୨୦୧୨-୧୩ ଓ ୨୦୧୩-୧୪ରେ ସରକାରଙ୍କ ତରଫରୁ ଧାନ ମିଲିଂ ପାଇଁ ତାଙ୍କୁ ଠିକା ମିଳିଥିଲା। ଧାନ ମିଲିଂ ପରେ ୪ଲକ୍ଷ ଟଙ୍କାର ବିଲ୍ ପାସ୍ ପାଇଁ ସେ ବୁଗୁଡ଼ା ଯୋଗାଣ ବିଭାଗ ନିକଟରେ ଆବେଦନ କରିଥିଲେ। ତତ୍କାଳୀନ ପୋଲସରା ଯୋଗାଣ ନିରୀକ୍ଷକ ଜୟରାମ ତାଙ୍କୁ ୨୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସରେ ଜଣାଇ ୨୦୧୪ ଜୁଲାଇ ୪ରେ ପ୍ରଭାକର ଲାଞ୍ଚ ଟଙ୍କା ନେଇ ତତ୍କାଳୀନ ଯୋଗାଣ ଅଧିକାରୀ ଜୟରାମଙ୍କ ନିକଟକୁ ଯାଇଥିଲେ। ଟଙ୍କା ଦେଇ ସାରିବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଜୟରାମଙ୍କୁ ଗିରଫ କରିଥିଲା। ପରେ ସେ ଜାମିନ୍ ପାଇଥିଲେ। ଏହି ମାମଲାର ଶୁଣାଣି ବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା। ପ୍ରମାଣ ଅଭାବରୁ ଭିଜିଲାନ୍ସ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ ଓ ପ୍ରଦୀପ କୁମାର ଦୋରା ମକଦ୍ଦମା ପରିଚାଳନା କରିଥିଲେ।

# ଭାରତ ବନ୍ଦକୁ ସଫଳ ପାଇଁ ସିପିଆଇଏମ୍‌ର ସମ୍ମିଳନୀ

**ରଣପୁର, ୨୪।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ନିକଟସ୍ଥ ନରସିଂହପୁରଠାରେ ସିପିଆଇଏମ୍ ରଣପୁର ଆଞ୍ଚଳିକ କମିଟି ପକ୍ଷରୁ ସେପ୍ଟେମ୍ବର ୨୭ ଭାରତ ବନ୍ଦକୁ ସଫଳ କରିବା ପାଇଁ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ସେଠାରେ ୨୨ ତମ ଆଞ୍ଚଳିକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସିପିଆଇଏମ୍‌କୁ ସମର୍ଥନ କରୁଥିବା ଶତାଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ। ସିପିଆଇଏମ୍ ବରିଷ୍ଠ ନେତା ହରିଶ ଚନ୍ଦ୍ର ମିଶ୍ର ସେଠାରେ ପତାକା ଉତ୍ତୋଳନ କରିଥିଲେ। ଶହୀଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦ୍ର ସରକାରଙ୍କ କୃଷକ ଶ୍ରମିକ ମାରଣ ନୀତି ବିରୋଧ ସହ ଦରବୃଦ୍ଧି ବିଷୟରେ ସମ୍ମିଳନୀରେ ତୀବ୍ର ସମାଲୋଚନା କରାଯାଇଥିଲା। ୨୭ ତାରିଖ ଭାରତ ବନ୍ଦ ରଣପୁରରେ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହ ସଫଳ ହେବ ଏହାକୁ ନେଇ ୧୦ ଜଣ ଜଣିଆ ପ୍ରତିନିଧିଙ୍କୁ ନେଇ ଏକ କମିଟି କରାଯାଇଥିଲା। ଏହି କମିଟିରେ ଗଦାଧର ପ୍ରଧାନ, ରଜତ ଜେନା, ବୈଜୟନ୍ତୀ ମିଶ୍ର, କୁଳମଣି ପଲେଇ, ସୁଶିଲ ମହାନ୍ତି ପ୍ରମୁଖ ରହିଥିଲା ବେଳେ ଏହାର ସମ୍ପାଦକ ଭାବେ ନିତ୍ୟାନନ୍ଦ ପରିଡାଙ୍କୁ ରଖାଯାଇଥିଲା। ବରିଷ୍ଠ ନେତା ମିଶ୍ର ଓ ଦୁଃଶାସନ ଜେନା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ସିପିଆଇଏମ୍‌ର କର୍ମୀମାନେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୪।୯**

କେନ୍ଦ୍ର ଟ୍ରେଡ୍ ୟୁନିଅନ୍ ଡାକରାରେ ଶ୍ରମିକ ଧର୍ମଘଟ ପରିପ୍ରେକ୍ଷୀରେ ଏଆଇଟିୟୁସି ସହବନ୍ଧିତ ଓଡିଶା ମିଳିତ ପାଚିକା ସହାୟିକା ସଂଘ ପକ୍ଷରୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ସର୍ବନିମ୍ନ ମାସିକ ମଜୁରି ୨୧ ହଜାର ଟଙ୍କା ପ୍ରଦାନ, ୨୮ ମାସର ବର୍ଦ୍ଧିତ ବକେୟା ପାଇବାକୁ ଥିବା ପାଚିକାମାନଙ୍କର ନାମ ଓ ତାଲିକା ଘୋଷଣା, ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୨୦୧୮ ଏପ୍ରିଲଠାରୁ ମାସିକ ୨ ହଜାର ଟଙ୍କା ପ୍ରଦାନ, ପ୍ରତି ମାସରେ ନିୟମିତ ଦରମା, ମଧ୍ୟାହ୍ନ ଭୋଜନ କାର୍ଯ୍ୟ ବ୍ୟତୀତ ପାଚିକାମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ନ କରିବା, ପାଚିକାଙ୍କୁ ବର୍ଷକୁ ୨ ହଳ ଶାଢୀ, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣକୁ ନେଇ ବିଦ୍ୟାର୍ଥୀ ସଂଖ୍ୟା ହ୍ରାସ ନେଇ ବାଦ୍ ପଡିଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି, ସରକାରଙ୍କ ଘୋଷିତ ୧୪ ହଜାର ୩୭୯ ସ୍କୁଲ ବନ୍ଦ ନିଷ୍ପତ୍ତି ବନ୍ଦ କରିବା, ୬୦ ବର୍ଷ ପରେ ପାଚିକାଙ୍କୁ ପେନ୍‌ସନ୍ ଲାଗୁ ଓ ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା ପାଇଁ ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଏଆଇଟିୟୁସି ପକ୍ଷରୁ ସୋମନାଥ ବେହେରା, ଓଡିଶା ମିଳିତ ପାଚିକା ମହାସଂଘ ଗଞ୍ଜାମ ଜିଲା ଉପସଭାପତି ପପୁନ୍ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## କାର୍ ଓଲଟି ୪ ଆହତ

**ରମ୍ଭା,୨୪।୯**

ରମ୍ଭା ଥାନା ଗୋଲାଗଣ୍ଡା ଗୋଲାଗଣ୍ଡାପଲ୍ଲୀ ସ୍ଥିତ ଦେବୀକୃପା କୋଲଡ୍ରିଙ୍କସ୍ କମ୍ପାନୀ ନିକଟରେ ଶୁକ୍ରବାର ସକାଳେ ଏକ ଓଲଟି ପଡ଼ିବାରୁ ୪ ଜଣ ଆହତ ହୋଇଛନ୍ତି। ଉକ୍ତ କମ୍ପାନୀ ନିକଟରେ ନୂତନ ଭାବେ କାମ ଚାଲିଥିବା ଓଭରବ୍ରିଜ ପାର୍ଶ୍ୱ ରାସ୍ତାରେ ବର୍ଷା ହୋଇଥିବାରୁ ସମ୍ପୂର୍ଣ୍ଣ କାଦୁଅ ଓ ଖାଲହୋଇ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇପଡ଼ିଛି। ଶୁକ୍ରବାର ସକାଳରେ ବ୍ରହ୍ମପୁରରୁ ଭୁବନେଶ୍ୱରକୁ ଯାଉଥିବା ମାରୁତି କାର (ନଂ ଓଆର୧୯ଏଚ୍୯୬୬୯) ଭାରସାମ୍ୟ ହରାଇ ଓଲଟି ପଡିଥିଲା।

# ଯୁବ କାର୍ଯ୍ୟକ୍ରମ ନେଇ ବୈଠକ

**ନୟାଗଡ଼ ଅଫିସ,୨୪।୯**

ନୟାଗଡ଼ ଜିଲା ପରାମର୍ଶଦାତା କମିଟି ପକ୍ଷରୁ ଯୁବ କାର୍ଯ୍ୟକ୍ରମ ଉପରେ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ ପରିସରରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଯୁବ କାର୍ଯ୍ୟକ୍ରମ ୨୦୨୧-୨୨ଉପରେ ଆଲୋଚନାରେ ଭାଗ ନେଇଥିଲେ। ଜିଲା ପ୍ରଶାସନ ସହ ସମନ୍ୱୟ ରଖି ନେହେରୁ ଯୁବକେନ୍ଦ୍ର କାର୍ଯ୍ୟ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ।

ଆଗାମୀ ଦିନରେ ବିପର୍ଯ୍ୟୟ ପରିଚାଳନା ତାଲିମ ଯୁବକଙ୍କୁ ପ୍ରଦାନ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଯୁବା ଅଧିକାରୀ ଅନୁରାଗ କୁମାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟବ୍ରତ ମହାରଣା ଓ ଦୀପକ କୁମାର କ୍ଳବ ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ଯୁବ ସ୍ୱେଚ୍ଛାସେବୀମାନଙ୍କ ପ୍ରତିନିଧି ଭାବେ ଆଶୁତୋଷ ଦାସ ଯୋଗଦେଇ ଯୁବକମାନେ ତୃଣମୂଳ ସ୍ଥରରେ ସମାଜସେବା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

# ଗଞ୍ଜାମରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବ୍ରହ୍ମପୁର ଅଫିସ,୨୪।୯**

- ୨୩ ଚିକିତ୍ସକ, ୧୧୧ ନିରୀକ୍ଷକ ପଦ ଖାଲି
- ଆର୍‌ଟିଆଇ ତଥ୍ୟାନୁସାରେ କଂଗ୍ରେସ ନେତାଙ୍କ ଅଭିଯୋଗ



ଗଞ୍ଜାମ ଜିଲାରେ ପ୍ରାଣୀସମ୍ପଦ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଆବଶ୍ୟକ ମୁତାବକ ଚିକିତ୍ସକ ଓ କର୍ମଚାରୀ ଅଭାବ ଯୋଗୁ ଏହି ସମସ୍ୟା ଉପୁଜିଛି। ଜିଲାରେ ୮୧ ପ୍ରାଣୀ ଚିକିତ୍ସକ ବଦଳରେ ୫୮ ଜଣ ଅଛନ୍ତି। ଦୀର୍ଘଦିନରୁ ୨୩ ପଦବୀ ଖାଲି ପଡ଼ିଛି। ସେହିପରି ମଞ୍ଜୁରୀ ପଦ ୨୪୧ ପ୍ରାଣୀଧନ ନିରୀକ୍ଷକ (ଲାଇଭ ଷ୍ଟକ୍ ଇନ୍ସପେକ୍ଟର)ଙ୍କ ମଧ୍ୟରୁ ୧୩୦ ଜଣ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧୧ ପଦ ପୂରଣ ହୋଇ ନ ଥିବା ଜଣାପଡ଼ିଛି। ଏହାଫଳରେ ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ସମସ୍ୟା ବଢ଼ି ଚାଲିଛି। ଏହାକୁ ସମାଧାନ ପାଇଁ ସରକାରୀ ଅବହେଳା ଜାରି ରହିଛି।

କଂଗ୍ରେସ ନେତା ଆଇନଜୀବୀ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ (ସିଡିଭିଓ)ଙ୍କ ଠାରୁ ଏହି ତଥ୍ୟ ପାଇଛନ୍ତି। ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ସେବା ବିଗିଡ଼ି ଯାଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବ୍ରହ୍ମପୁର ବଡ଼ ମେଡିକାଲ ସମେତ ବିଭିନ୍ନ ସ୍ଥାନରେ ଡ଼ାକ୍ତରଖାନା ଗୁଡ଼ିକରେ ଶତାଧିକ ଚିକିତ୍ସକ ଓ ଅନ୍ୟ କର୍ମଚାରୀ ନିଅଣ୍ଟ ଥିବା ବେଳେ ଏବେ ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ସମାନ ଅବସ୍ଥା ଦେଖାଦେଇଥିବା ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିନିଧିତ୍ୱ କରୁଥିବା ଜିଲାରେ ମଣିଷ ଓ ପ୍ରାଣୀଙ୍କ ଉପଯୁକ୍ତ ଚିକିତ୍ସା ମିଳୁନଥିବାରୁ ଶାସନ କଳର ଉଦାସୀନତାକୁ ପଣ୍ଡା କଡ଼ା ସମାଲୋଚନା କରିଛନ୍ତି।

ସିଡିଭିଓଙ୍କ ଦପ୍ତର ଦେଇଥିବା ତଥ୍ୟାନୁସାରେ କେବଳ ବ୍ରହ୍ମପୁର ମହାନଗରରେ ୪ ପ୍ରାଣୀ ଚିକିତ୍ସକ ରହିବା ସ୍ଥଳେ ମାତ୍ର ଜଣେ ଅଛନ୍ତି। ଜୀବଜନ୍ତୁଙ୍କ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଥିବା ଗୋଟିଏ ଆମ୍ବୁଲାନ୍ସ ପ୍ରତିଦିନ ୮ରୁ ୯ ଘଣ୍ଟା କାର୍ଯ୍ୟ କରୁଛି। ଯଦି ରାତିରେ କୌଣସି ଜୀବଜନ୍ତୁଙ୍କ ଜରୁରୀ ଚିକିତ୍ସା ଆବଶ୍ୟକ ପଡ଼େ ତେବେ ଆମ୍ବୁଲାନ୍ସ କାର୍ଯ୍ୟ କରୁନଥିବା ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ରେଶମ ସହରରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଗୋରୁ, ବୁଲା ଓ ପୋଷା କୁକୁର, ମଇଁଷି, ଛେଳି ଓ ମାଙ୍କଡ଼ ଆଦିଙ୍କୁ ଚିକିତ୍ସା କରାଯାଇଛି। କେବଳ ସେତିକି ନୁହେଁ ଜିଲାରେ ପ୍ରାଣୀ ଚିକିତ୍ସାଳୟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅବସ୍ଥା ମଧ୍ୟ ଶୋଚନୀୟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଖାଲି ପଡ଼ିଥିବା ସବୁ ଡ଼ାକ୍ତର ଓ ଅନ୍ୟ କର୍ମଚାରୀ ପଦଗୁଡ଼ିକ ତୁରନ୍ତ ପୂରଣ କରିବାକୁ ପଣ୍ଡା ଦାବି କରିଛନ୍ତି। ନଚେତ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ୨୫ ସେପ୍ଟେମ୍ବର, ୨୦୨୧

## ବଜ୍ରପାତରେ ୧୦ ବଳଦ ମୃତ

ଆର.ଉଦୟଗିରି: (ଡି.ଏନ.ଏ.)- ମୋହନା ବ୍ଲକ ବାଡେଗୁଡା ପଞ୍ଚାୟତର ଉପରପାଲ୍ଲା ଗ୍ରାମରେ ବଜ୍ରପାତରେ ଗୁରୁବାର ୧୦ ବଳଦଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନରେ ହଠାତ୍ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ପାହାଡ ଉପରେ ଥିବା ଏକ ପଥର କୋରଡରେ ବଦଳମାନେ ଆଶ୍ରୟ ନେଇଥିଲେ। ସେହିସ୍ଥାନରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବଳଦଙ୍କ ମୃତ୍ୟୁ ଘଟିଥିଲା। ଏଥିରେ କାମେଶ୍ୱର ମଲ୍ଲିକଙ୍କ ୫, ସୁଶାନ୍ତ ମଲ୍ଲିକ ୩ ଓ ମହେନ୍ଦ୍ର ମଲ୍ଲିକଙ୍କ ୨ ବଳଦ ରହିଥିଲେ। ମୋହନା ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା ବଳଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କ୍ଷତିଗ୍ରସ୍ତ ବଳଦ ମାଲିକମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ମୋହନା ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ମଦ ଜବତ, ଜଣେ ଅଟକ

**ଛତ୍ରପୁର,୨୪।୯(ଡି.ଏନ୍.ଏ.):** ଛତ୍ରପୁର ଥାନା ଶାନ୍ତି ନଗର ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ୧୦.୫ ଲିଟର ମଦ ଜବତ କରାଯାଇଛି। ଶାନ୍ତି ନଗର ଅଞ୍ଚଳରେ ବେଆଇନ ମଦ ବିକ୍ରି ଚାଲିଥିବା ଖବରପାଇ ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ୍ଆଇ ବିଶ୍ୱମ୍ଭର କଅଁରଙ୍କ ସହ ଏକ ଟିମ ଏକ ଘର ଉପରେ ଚଢାଉ କରିଥିଲେ। ସେଠାରୁ ୭ ଲିଟର ଦେଶୀ ଓ ୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ନଂ. ୪୯୦/୨୧ ରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ସବ ଇନିସପେକ୍ଟର ସତ୍ୟଜିତ ବେଣିଆ ସୂଚନା ଦେଇଛନ୍ତି।

### ଅଟୋ ଧକ୍କାରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ

**ଚିକିଟି,୨୪।୯(ଡି.ଏନ.ଏ.):** କେ. ନୂଆଗାଁ ଥାନା ଅନ୍ତର୍ଗତ ଚୁଡ଼ଙ୍ଗପୁର ଛକ ନିକଟରେ ଗୁରୁବାର ସକାଳେ ଅଟୋ ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଦେଉଳି ଗ୍ରାମର ସତ୍ୟବାଦୀ ସାହୁ (୪୫)। ସୂଚନାଯୋଗ୍ୟ, ଗୁରୁବାର ଭୋର ୫.୩୦ମିନିଟରେ ଭୁବନେଶ୍ୱରରୁ ଚିକିଟି ଆସୁଥିବା ଏକ ଘରୋଇ ବସ୍ ଚୁଡ଼ଙ୍ଗପୁର ଛକ ନିକଟରେ ଡ୍ରାଇଭର ରଖି ଶୌଚ ପାଇଁ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ଅଟୋ (ନଂ ଓଡି୦୭ଏଜେ୧୦୮୦) ଧକ୍କା ଦେବାରୁ ଘଟଣାସ୍ଥଳରେ ସତ୍ୟବାଦୀଙ୍କର ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ କେ.ନୂଆଗାଁ ପୋଲିସ ପହଞ୍ଚି ବସ୍ ଓ ଅଟୋ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲ ପଠାଇଛି। ଏନେଇ କେ.ନୂଆଗାଁ ଥାନାରେ ନଂ.୧୮୧/୨୦୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରହିଥିବା ପୋଲିସ କହିଛି।

### ଆକ୍ରମଣ,ପ୍ରତି ଆକ୍ରମଣ ମାମଲାରେ ୩ କୋର୍ଟଚାଲାଣ

**ଗୋପାଳପୁର,୨୪।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ହଳଦିଆପଦର ଗ୍ରାମରେ ଗତ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ପୋଲିସ ଏନେଇ ଦୁଇଟି ମାମଲା ରୁଜୁ କରିଥିଲା। ସଦାନନ୍ଦ ଦାସଙ୍କ ଏତଲା କ୍ରମେ ୨୬୫/୨୧ ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହଳଦିଆପଦର ଗ୍ରାମର ମଧୁସୂଦନ ସାହୁ, କଂଗ୍ରେସ ଦାସ ଓ କିଷାନ ଦାସ। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମ ଦଳିତ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୧୭ ତାରିଖରେ କଂଗ୍ରେସ ନିଜ ଦୋକାନ ନିକଟରେ ଠିଆ ହୋଇଥିବା ବେଳେ ଅପର ଗୋଷ୍ଠୀର ୬ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏନେଇ କଂଗ୍ରେସ ୧୮ ତାରିଖରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ ନଂ ୨୬୩/୨୧ରେ ମାମଲା ରୁଜୁ ହୋଇଥିଲା। ସେହିପରି ରବିବାର ରାତ୍ର ପ୍ରାୟ ୧୦ଟାରେ ଅପର ଗୋଷ୍ଠୀର ସଦାନନ୍ଦ ଘରେ ଥିବା ବେଳେ କଂଗ୍ରେସ ଓ ୬ ଜଣ ମିଶି ସଦାନନ୍ଦ, ଶିଶିର ଦାସ ଓ ସଞ୍ଜୁ ଦାସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି କାତି, ଖଣ୍ଡାରେ ଆକ୍ରମଣ କରିବା ସହ ସଞ୍ଜୁଙ୍କୁ ଟଣାଓଟରା କରିଥିଲେ।

### ବିଶେଷ ଟ୍ରେନ୍‌ର ୟୁଟିଏସ୍ ଟିକେଟ ପାଇଁ ଦାବି

**ପାରଳାଖେମୁଣ୍ଡି,୨୪।୯(ଡି.ଏନ୍.ଏ.):** କୋଭିଡ୍ ନିୟମ କୋହଳ ହୋଇଥିବାରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳମନ୍ତ୍ରଣାଳୟ କିଛି ବିଶେଷ ଟ୍ରେନ୍‌ରେ ସଂରକ୍ଷିତ ଟିକେଟ ସହ ଅସଂରକ୍ଷିତ ଟିକେଟର ବ୍ୟବସ୍ଥା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଷ୍ଟେସନରେ ଟିକେଟ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ପାରଳାଖେମୁଣ୍ଡି ଷ୍ଟେସନ୍‌ରେ ଏହି ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାରଳାଖେମୁଣ୍ଡି ସଂରକ୍ଷିତ କାଉଣ୍ଟର ଷ୍ଟେସନଠାରୁ ପ୍ରାୟ ୫ କିମି ଦୂରରେ ଅବସ୍ଥିତ ଥିବାରୁ ଟିକେଟ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୋଇ କାଉଣ୍ଟରରେ ଟିକେଟ ପିଛା ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦାମ ଦେବାକୁ ପଡୁଛି। ଛୋଟ ଛୋଟ ଷ୍ଟେସନରେ ଟ୍ରେନ ରହଣି ଥିଲେ ମଧ ଟିକେଟ ବିକ୍ରିର ସେପରି କିଛି ବ୍ୟବସ୍ଥା ନାହିଁ। ଟ୍ରେନ୍‌ରେ ଟିକେଟ ଯାଞ୍ଚର କଡ଼ାକଡ଼ି ନ ଥିବାର ସୁଯୋଗ ନେଇ ଅଧିକାଂଶ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଛନ୍ତି; ଯଦ୍ୱାରା ବିଭାଗର ବହୁତ କିଛି ରାଜସ୍ୱ କ୍ଷତି ହେଉଥିବା ଜଣାଯାଉଛି। ଏହାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଥିବା ଗୁଣୁପୁର-ପୁରୀ, ରାଜ୍ୟରାଣୀ ସ୍ୱତନ୍ତ୍ର ଟ୍ରେନ ପାଇଁ ପାରଳାଖେମୁଣ୍ଡି ଷ୍ଟେସନ ସମେତ ଏହି ରାସ୍ତାର ପ୍ରତି ଷ୍ଟେସନ ପୂର୍ବଭଳି ଅଣସଂରକ୍ଷିତ (ୟୁଟିଏସ) ଟିକେଟ ବିକ୍ରି ପାଇଁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

# ୫ ଜିଲାର ପ୍ରୋବେସନ ଆଇଏଏସ୍‌ଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

**ହିଞ୍ଜିଳିକାଟୁ/ପୁରୁଷୋତ୍ତମପୁର/ଶେରଗଡ଼/ ଦିଗପହଣ୍ଡି,୨୪।୯(ଡି.ଏନ୍.ଏ)**



ହିଞ୍ଜିଳିକାଟୁ ସାରୁ ପଞ୍ଚାୟତ ଗସ୍ତରେ ୫ ପ୍ରୋବେସନାରି ଆଇଏଏସ୍ ଓ ଅନ୍ୟମାନେ।

୫ ଜିଲାର ପ୍ରୋବେସନ ଆଇଏଏସ୍ ଶୁକ୍ରବାର ଦ୍ୱିତୀୟ ଦଫାରେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଶେରଗଡ଼ ଓ ଦିଗହଣ୍ଡି ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ୫ ପ୍ରୋବେସନାରି ଆଇଏଏସ୍ ହେଲେ ବାଲେଶ୍ୱର ଜିଲାର ଚରଣ କୁନାଲ ମୋତିରାମ, ସମ୍ବଲପୁର ଜିଲାର କୁଲକର୍ଣ୍ଣି ଆଶୁତୋଷ, କୋରାପୁଟ ଜିଲାର ବେଦଭୂଷଣ, ଢେଙ୍କାନାଳ ଜିଲାର ବିଭୂତି ଭୂଷଣ ନାୟକ ଓ ଗଞ୍ଜାମ ଜିଲାର ମିସ ମଧୁମିତା। ମଧ୍ୟାହ୍ନରେ ସମସ୍ତ ଅଧିକାରୀମାନେ ହିଞ୍ଜିଳି ପହଞ୍ଚିଲା ପରେ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁବ୍ରତ କୁମାର ଜେନା ସ୍ୱାଗତ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ସାରୁ ପଞ୍ଚାୟତରେ ଅଧିକାରୀମାନେ ସାରୁ ହାଇସ୍କୁଲର ରୂପାନ୍ତରୀକରଣ, ସାରୁ ବିଜୁ ପଟ୍ଟନାୟକ ପାଠାଗାର ଓ ସୂଚନା କେନ୍ଦ୍ର, ଗାଈ ଗୁହାଳ ଏବଂ ଗ୍ରାମ ପଞ୍ଚାୟତ ଅଫିସ କୋଠା ବୁଲି ଦେଖିଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପାଣ୍ଡିଆଠାରେ ଥିବା ଐତିହାସିକ ଜଉଗଡ ଓ ବଡଖରିଡାର ପ୍ରସିଦ୍ଧ ଶୈବ ପୀଠ କାଳେଶ୍ୱରଠାରେ ନିର୍ମାଣ ହୋଇଥିବା ମଡେଲ୍ ପାର୍କକୁ ୫ ଜିଲାରେ କାର୍ଯ୍ୟରତ ପ୍ରୋବେସନ ଆଇଏଏସ ଅଫିସର ବୁଲି ଦେଖିଛନ୍ତି। ଏଥିସହ କାଳେଶ୍ୱର ପାର୍କକୁ ଯାଇ ନିର୍ମାଣ କରାଯାଇଥିବା ବୋଟିଂ ବ୍ୟବସ୍ଥା, ଗେଟ୍ ଓ ଆନୁସଙ୍ଗିକ କାର୍ଯ୍ୟମାନ ଦେଖି ଖୁସି ପ୍ରକଟ କରିଥିଲେ। ଏହି ଅଧିକାରୀଙ୍କ ଗସ୍ତରେ ବିଡିଓ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ। ସେହିପରି ଶେରଗଡ଼ରେ ନୂଆଁପଡା ଜିଲାର ୫ ବ୍ଲକର ବିଡିଓ ଓ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ପିଡି ମଧୁଛନ୍ଦା ସାହୁଙ୍କ ସମେତ ୧୯ ଜଣିଆ ଟିମ ପିତଳ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟରେ ୩ ସ୍ମାର୍ଟ ଶ୍ରେଣୀ, ଲାବେରୋଟୋରୀ, ଇ.ଲାଇବ୍ରେରୀ, ବିଜ୍ଞାନଗାରା, କମ୍ପ୍ୟୁଟର ପ୍ରକୋଷ୍ଠ, ଶୌଚାଳୟ ଆଦି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ଯନ୍ତ୍ରୀ ପବିତ୍ର କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପିତଳ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝର ଜିଲା ପିଡି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ବିଭିନ୍ନ ବ୍ଲକର ୩୩ ଜଣ ବିଡିଓ ଦିଗପହଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରି ଫେରିଥିବା ବିଡ଼ିଓ ହଳଧର ସବର କହିଛନ୍ତି।

# ହତ୍ୟା ଉଦ୍ୟମ ମାମଲାରେ ୨ ଭାଇ ଗଲେ ଜେଲ

**ଦିଗପହଣ୍ଡି,୨୪।୯(ଡି.ଏନ.ଏ.)**

- ୨ ପରିବାର ମଧ୍ୟରେ ସଂଘର୍ଷ
- ଘରେ ପଶି କାତିରେ ହାଣିଲେ
- ମାଆ, ପୁଅ-ଝିଅ ଗୁରୁତର

ଘରେ ପଶି ଆକ୍ରମଣ ଅଭିଯୋଗରେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଉମ୍ବରୁ ସେଠୀ ଏବଂ ରବି ସେଠୀ ୨ ଭାଇଙ୍କୁ ଶୁକ୍ରବାର ଦିଗପହଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୨୪୪/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗୁରୁବାର ରାତିରେ ସାମାନ୍ୟ ବଚସାକୁ ନେଇ ଗ୍ରାମର ୨ ପରିବାର ଲୋକଙ୍କ ମଧ୍ୟରେ ବିବାଦ ହୋଇଥିଲା। ଉମ୍ବରୁ ଏବଂ ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ହାତରେ କାତି, ଛେଲ, ତେଣ୍ଟା, ଠେଙ୍ଗା ଆଦି ମାରଣାସ୍ତ୍ରରେ ସଜ୍ଜିତ ହୋଇ ସ୍ୱର୍ଗତ କାଶୀ ସେଠୀଙ୍କ ଘରେ ପଶି ସମସ୍ତଙ୍କୁ ଆଖିବୁଜା ଆକ୍ରମଣ କରିଥିଲେ। ଆକ୍ରମଣରେ ବୃଦ୍ଧା ରଇବାରି ସେଠୀଙ୍କ ସମେତ ତାଙ୍କ ପୁଅ ତବଡିଆ, ଟୁକୁନା ଏବଂ ଝିଅ ଜୟନ୍ତୀ ଗୁରୁତର ଆହାତ ହୋଇଥିଲେ। ଜୟନ୍ତୀଙ୍କ ବେକରୁ ୩ ଭରି ଓଜନର ସୁନା ନାନୁ ମାଳି ଅଭିଯୁକ୍ତମାନେ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଆହାତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଏତଲା ହେବା ପରେ ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ଅପରପକ୍ଷରେ ଉମ୍ବରୁଙ୍କ ଝିଅ ସୁମିତ୍ରା ସେଠୀଙ୍କ ପାଲଟା ଏତଲା କ୍ରମେ ନଂ.୨୪୩/୨୧ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଯୁକ୍ତି ଦିଅ ନଚେତ ଜମି ଫେରାଅ

## ଟାଟା କମ୍ପାନୀ ଫାଟକ ଆଗରେ ଆନ୍ଦୋଳନ


ବିସ୍ଥାପିତମାନେ ଆନ୍ଦୋଳନ ଚଳାଇଛନ୍ତି।

**ଛତ୍ରପୁର,୨୪।୯(ଡି.ଏନ୍.ଏ.)**

ଛତ୍ରପୁର ଉପକଣ୍ଠ ଚମାଖଣ୍ଡିସ୍ଥିତ ଟାଟା କମ୍ପାନୀ ଫାଟକ ନିକଟରେ ୩ଦଫା ଦାବି ନେଇ ସିନ୍ଧିଗାଁ ବିସ୍ଥାପିତ ପରିବାର ପକ୍ଷରୁ ଶୁକ୍ରବାର ଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି । ବିସ୍ଥାପିତମାନେ ସପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୋପାଳପୁର ଟାଟା ଷ୍ଟିଲ ହେଲେ ଚାକିରି ମିଳିବ ଆଶା ନେଇ ୨୫ ବର୍ଷ ତଳେ ସିନ୍ଧିଗାଁ ଗ୍ରାମବାସୀ ସେମାନଙ୍କ ଜମିକୁ ଟାଟା କମ୍ପାନୀକୁ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଟାଟା କମ୍ପାନୀ ନିଯୁକ୍ତି ଦେଲାନି। ଏ ନେଇ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିଲା ନାହିଁ। ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଆନ୍ଦୋଳନପନ୍ଥା ଗ୍ରହଣ କରିଛନ୍ତି। କମ୍ପାନୀ ଅଗ୍ରାଧିକାର ଭିତ୍ତିରେ ବିସ୍ଥାପିତ ପରିବାର ସଦସ୍ୟଙ୍କୁ ତୁରନ୍ତ ନିଯୁକ୍ତି ଦେଉ ନଚେତ ଜମି ଫେରସ୍ତ କରୁ ବୋଲି ବିସ୍ଥାପିତ ପରିବାର ପକ୍ଷରୁ ଦାବି ହୋଇଛି। ନିଯୁକ୍ତି ବାବଦରେ ୨୫ ବର୍ଷର ପରିବାର ପରିପୋଷଣ ଭତ୍ତା ବାବଦରେ କ୍ଷତପୂରଣ ପ୍ରତି ପରିବାରକୁ ୨୦ ଲକ୍ଷ ପ୍ରଦାନ ଓ ବିସ୍ଥାପିତଙ୍କର ଆର୍ଥିକ ସ୍ଥିତିର ଉନ୍ନତି ନିମନ୍ତେ ଟାଟାଷ୍ଟିଲ କମ୍ପାନୀରେ ବିଭିନ୍ନ ସଂସ୍ଥାରେ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେଇ ତାହାକୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ନଚେତ ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଆନ୍ଦୋଳନରେ ସିନ୍ଧିଗାଁ ଗ୍ରାମ୍ୟ କମିଟି ସଭାପତି ପି. ନାଗେଶ୍ୱର ରେଡ୍ଡୀ, ସମ୍ପାଦକ ପି.ଜଗନ୍ନାଥ ରେଡ୍ଡୀ, କୋଷାଧ୍ୟକ୍ଷ କେ.ଆନନ୍ଦ ରେଡ୍ଡୀ, ଉମାଶଙ୍କର ସାହୁ, କେ.ଜଗନ୍ନାଥ ରେଡ୍ଡୀ, ଆର.ଭାଗିରଥି ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

# ୧୩ ସହରରେ ଇନ୍‌ଡୋର ଷ୍ଟାଡିୟମ୍ ଲାଗି ମିଳିଲା ମଞ୍ଜୁରୀ

## ଗଞ୍ଜାମ ଜିଲା: ପୌର ନିର୍ବାଚନ ପୂର୍ବରୁ ତତ୍ପରତା

**ଛତ୍ରପୁର,୨୪।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ପୌର ନିର୍ବାଚନ ୩ବର୍ଷ ବିଳମ୍ବ ହେଲାଣି। ଜନପ୍ରତିନିଧିଙ୍କ ବଦଳରେ ଆଇଏଏସ୍ ଏବଂ ଓଏଏସ୍‌ମାନେ ଏନ୍ଏସି, ମ୍ୟୁନିସିପାଲିଟି ଓ ମହାନଗର ନିଗମର ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ଆଗକୁ ପୌର ନିର୍ବାଚନ କରିବାକୁ ସରକାର ସ୍ଥିର କରିସାରିଛନ୍ତି। ତେଣୁ ସରକାରଙ୍କ ଠାରେ ତତ୍ପରତା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ୧୩ ସହରରେ ଗୋଟିଏ ଲେଖାଏ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିଛି । ଏ ନେଇ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆର୍ ଏଣ୍ଡ ବି ସର୍କଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ଆସିଛି । ୨୭ ତାରିଖ ମଧ୍ୟରେ ଏଗୁଡିକର ନିର୍ମାଣ ପାଇଁ ଟେଣ୍ଡର କରିବାକୁ ରାଜ୍ୟ ଚିଫ୍ ଇଞ୍ଜିନିୟର (ବିଲଡିଂସ)ଙ୍କ ଠାରୁ ନିର୍ଦ୍ଦେଶ ଆସିଛି । ମିଳିଥିବା ସୂଚନା ଅନୁସାରେ ଦିଗପହଣ୍ଡି ଏନଏସିରେ ହେବାକୁ ଥିବା ଇନ୍‌ଡୋର ଷ୍ଟାଡିୟମ ପାଇଁ ୬ .୨୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଚିକିଟି ଏନଏସି ଇନ୍‌ଡୋର ଷ୍ଟାଡିୟମ ପାଇଁ ୬.୧୫ କୋଟି ମଞ୍ଜୁର ହୋଇଛି। ସେହିପରି ଏନ୍ଏସି ରମ୍ଭା ପାଇଁ ୬.୪୫ କୋଟି, ଗଞ୍ଜାମ ୬.୨୨ କୋଟି , ପୁରୁଷୋତ୍ତମପୁର ୬.୨୪ କୋଟି, କୋଦଳା ୬.୧୭ କୋଟି, ଖଲ୍ଲିକୋଟ ୬.୫୨ କୋଟି, ଗୋପାଳପୁର ୬.୧୯ କୋଟି, ପୋଲସରା ୬.୨୮ କୋଟି, କବିସୂର୍ଯ୍ୟନଗର ୬.୧୩ କୋଟି, ଭଞ୍ଜନଗର ପାଇଁ ୬.୩୪ କୋଟି, ବେଲଗୁଣ୍ଠା ପାଇଁ ୬.୩୦ କୋଟି ଏବଂ ଆସିକା ଏନଏସି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୬.୨୮ କୋଟି ଟଙ୍କା ମଞ୍ଜୁର ହୋଇଛି । ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳଗୁଡିକର ବିଧାୟିକା ବିଧାୟକ ମାନଙ୍କ ଉପସ୍ଥିତିରେ ସ୍ଥାନୀୟ କ୍ରୀଡାବିତ୍ ଓ ଜନପ୍ରତିନିଧିମାନେ ପୃଥକ ଭାବେ ସେମାନଙ୍କ ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ଭିଡିଓ କନଫରେନ୍ସରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସହ କଥାହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

# ଦୁର୍ଘଟଣାରେ ଖବରକାଗଜ ଏଜେଣ୍ଟ ଆହତ

**ଛତ୍ରପୁର,୨୪।୯(ଡି.ଏନ୍.ଏ.)**

ଦୈନିକ ଖବରକାଗଜ ଧରିତ୍ରୀର ଏଜେଣ୍ଟ ତଥା ଛତ୍ରପୁର ପ୍ରେସ କ୍ଲବର ସଦସ୍ୟ କେ. ରମେଶ ସଡ଼କ ଦୁର୍ଘଟଣାରେ ଗୁରତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳେ ରମେଶ ସ୍କୁଟି ଯୋଗେ ଡିଆରଡ଼ିଏ ଛକ ଅଭିମୁଖେ ଯାଉଥିବା ବେଳେ ଏକ ବାଇକ୍ ଦ୍ରୁତ ଗତି ପାର ହେବା ଫଳରେ ସେ ହଠାତ୍ ଆଗ ବ୍ରେକ ଦେବାରୁ ଭାରସାମ୍ୟ ହରାଇ ପଡିଯାଇଥଲେ। ରକ୍ତାକ୍ତ ଅବସ୍ଥାରେ ରମେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଖବରପାଇ ଛତ୍ରପୁରର ବହୁ ସାମ୍ବାଦିକ ଓ ସାଙ୍ଗସାଥୀ ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

# ଯୁବକଙ୍କ ଆକସ୍ମିକ ମୃତ୍ୟୁ

**ଚିକିଟି,୨୪।୯(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଧାନଘର ଛକରେ ଗୁରୁବାର ରତିରେ ରାମଚନ୍ଦ୍ରପୁର ପଞ୍ଚାୟତ ତାଳପଲଙ୍କ ଗ୍ରାମର ଏମ.ଗୋପାଳ(୫୦)ଙ୍କ ମୃତ୍ୟୁ ଘଟିଛି। ଗୋପାଳ ଦୀର୍ଘ ପ୍ରାୟ ୩ ବର୍ଷ ହେଲା ଦାଦନ ଖଟିବାକୁ ମାଲେସିୟା ଯାଇଥିଲେ। ଗୁରୁବାର ରାତିରେ ଇଚ୍ଛାପୁରାମ ଷ୍ଟେଶନରେ ଓହ୍ଲାଇ ସାଙ୍ଗମାନଙ୍କ ସହିତ ଏକ ଅଟୋ ଯୋଗେ ନିଜ ଗ୍ରାମକୁ ଆସୁଥିବା ବେଳେ ଧାନଘର ଛକରେ ଓହ୍ଲାଇ ମୃଦୁ ପାନୀୟ ପିଇବା ପରେ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିଲେ। ଏ ନେଇ ନଂ ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଲାଗି ପୋଲିସର ବୈଠକ

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

**ପୁରୁଷୋତ୍ତମପୁର, ୨୪।୯(ଡି.ଏନ.ଏ.)**


ବୈଠକରେ ମହିଳାମାନେ ।

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଟିଙ୍ଗୁଡ଼ିଘାଇ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ରାତିରେ ବିନାୟକ ପ୍ରଧାନଙ୍କୁ ଶୋଇଥିବା ଅବସ୍ଥାରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏ ନେଇ ପୋଲିସ କେତେଜଣ ଯୁବକଙ୍କୁ ଉଠାଇ ଆଣି ପଚରା ଉଚୁରା କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏ ନେଇ ଗ୍ରାମରେ ଅଶାନ୍ତକର ପରିସ୍ଥିତି ଉପୁଜିବାକୁ ଯାଉଥିବା ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଖବର ପାଇ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ନେଇ ଶୁକ୍ରବାର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ସୁନିଲ କୁମାର ଗୁଡୁଙ୍କ ସହ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଟିଙ୍ଗୁଡିଘାଇ ଗ୍ରାମକୁ ଯାଇ ଏକ ବୈଠକ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡ ସହ ସେମାନଙ୍କ ଘରକୁ ଗ୍ରାମରୁ ବାସନ୍ଦ କରିବାକୁ ଦାବି କରିଥିଲେ। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଭୀମପୁରରେ ଗୋଷ୍ଠୀ ସଂଘର୍ଷ, ୮ ଆହତ

**ପାତ୍ରପୁର,୨୪।୯(ଡି.ଏନ.ଏ.)**

ପୂର୍ବ ବିବାଦକୁ କେନ୍ଦ୍ର କରି ଜରଡ଼ା ଥାନା ପାତ୍ରପୁର ବ୍ଲକ ଭୀମପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୮ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନେ ହେଲେ ଏନ ନୋକେୟା, ଏନ କାମାକ୍ଷୀ, ଏନ ଦୁର୍ଯ୍ୟୋଧନ, ଡି ବାବାଜୀ, ଏମ କୁତିଲି, ଇ ବୃନ୍ଦାବତୀ, ଏମ ଗୋବିନ୍ଦ ଓ ଏନ ପାପେୟା। ସମସ୍ତ ଆହତଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାରୁ ଉକ୍ତ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ଠେଙ୍ଗାରେ ଆକ୍ରମଣ ଓ ପ୍ରତିଆକ୍ରମଣ ପରେ ବୋମା ମାଡ଼ ହୋଇଥିଲା। ଏ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଶୁକ୍ରବାର ଭୋର୍‌ରେ ଜରଡ଼ା ଥାନା ଅଧିକାରୀ ଭବାନନ୍ଦ ପ୍ରଧାନ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗୋଷ୍ଠୀ ସଂଘର୍ଷର କାରଣ ଅସ୍ପଷ୍ଟ ରହିଥିବା ବେଳେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଗୋଟିଏ ବିଲଡିଂରେ ୩ ଯୋଜନା ଫଳକ

**ବୁଗୁଡ଼ା,୨୪।୯(ଡି.ଏନ.ଏ.)**


ନିର୍ମାଣାଧୀନ ବିଲଡିଂରେ ଲାଗିଛି ତିନି ଫଳକ।

ବୁଗୁଡ଼ା ବ୍ଲକ ଭାମଶିଆଳି ପଞ୍ଚାୟତରେ ଗୋଟିଏ ବିଲଡିଂର କାମ ଚାଲିଥିବା ବେଳେ ସେଥିରେ ତିନୋଟି ଅନୁଦାନର ଫଳକ ଲଗାଯାଇଛି। ପଞ୍ଚାୟତବାସୀଙ୍କ ନିମନ୍ତେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନରେ ଭାମଶିଆଳି ହାଇସ୍କୁଲ ପରିସରରେ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଉକ୍ତ ସୁବିଧା କେନ୍ଦ୍ର ନିକଟରେ ଏହି କାର୍ଯ୍ୟ ପାଇଁ ଆସିଥିବା ୧୦ ଲକ୍ଷ ଟଙ୍କାର ଅନୁଦାନ ଫଳକ ସହ ଆମ ଗାଁ ଆମ ବିକାଶ ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷର ପାଠାଗାର ଓ ସୂଚନା କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ଆସିଥିବା ଫଳକ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ତିତ୍‌ଲି ବାତ୍ୟାରେ ପଞ୍ଚାୟତ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ ପୁନରୁଦ୍ଧାର ନିମନ୍ତେ ୨ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ଫଳକ ପଞ୍ଚାୟତରେ ନ ମାରି ନିର୍ମାଣାଧୀନ ସୁବିଧା କେନ୍ଦ୍ର ନିକଟରେ ମାରିବା ରହସ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ତିତ୍‌ଲି ବାତ୍ୟାରେ ପଞ୍ଚାୟତ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇନି କି ପୁନରୁଦ୍ଧାର ପାଇଁ ଟଙ୍କାଟିଏ ଖର୍ଚ୍ଚ କରାଯାଇନି ବୋଲି କହିଥିବା ବେଳେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ମିଶ୍ର କିଛି ଜାଣି ନ ଥିବା କହି ସହକାରୀ ଯନ୍ତ୍ରୀ ଜାଣିଥିବେ ବୋଲି କହିଛନ୍ତି। ଏ ନେଇ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ଙ୍କୁ ପଚାରିବାରୁ ଦୁଇଟି ଅନୁଦାନରେ ଉକ୍ତ ବିଲଡିଂ ନିର୍ମାଣ କରାଯାଉଥିବା କହିଥିବା ବେଳେ ତିତ୍‌ଲି ଅନୁଦାନ ଫଳକ କିଏ ଭୁଲ୍‌ରେ ମାରି ଦେଇଥିବ ବୋଲି ସଫେଇ ଦେଇଛନ୍ତି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି।

# ନିଖିଳ ଓଡ଼ିଶା ଅଙ୍ଗନୱାଡି ସଂଘର ସ୍ମାରକପତ୍ର

**ଗଞ୍ଜାମ/ପୁରୁଷୋତ୍ତମପୁର/ଆସିକା (ଡି.ଏନ.ଏ.)/ଗୋପାଳପୁର,୨୪।୯**


ଆସିକା ସିଡିପିଓ କାର୍ଯକ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ।

ନିଖିଳ ଓଡିଶା ଅଙ୍ଗନୱାଡି ଗଞ୍ଜାମ ଶାଖା ସଂଘ ପକ୍ଷରୁ ୧୫ ଦଫା ଦାବୀ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ସେମାନଙ୍କ ବିଭିନ୍ନ ଦାବୀ ନେଇ ଗଞ୍ଜାମ ସହର ସ୍ଥିତ ତ୍ରିବେଣି ମଠ ଛକ ନିକଟରୁ ଶତାଧିକ ଅଙ୍ଗନୱାଡି କର୍ମୀ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ, ଗଞ୍ଜାମ ବିଡିଓ ଓ ସିଡିପିଓଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯିବା ସହ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲା। ସେହିପରି ପୁରୁଷୋତ୍ତମପୁର ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ୧୫ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ବିଡିଓ ବିଜୟ କୁମାର ବେହେରା, ସିଡିପିଓ ବବିତା ଟ୍ୟାଡ ପଟ୍ଟନାୟକଙ୍କୁ ପ୍ରଦାନ କରିବା ସହ ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଗୁଡୁଙ୍କୁ ପ୍ରଦାନ କରିଥିଲେ। ଆସିକା ବ୍ଲକ ଶାଖା ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଏକ ଶୋଭାଯାତ୍ରାରେ ବିଡିଓ ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ୧୫ ଦଫା ସମ୍ବଳିତ ଦାବିପତ୍ର ଆସିକା ବିଡିଓ ରୋଶନ ଶତପଥିଙ୍କ ଜରିଆରେ ଦିଆଯାଇଥିଲା। ସେହିଭଳି କର୍ମୀ ଓ ସହାୟିକାମାନେ ସିଡିପିଓଙ୍କୁ ଆଞ୍ଚଳିକ ସମସ୍ୟାର ଏକ ୧୩ ଦଫା ଦାବୀ ପତ୍ର ଦେବା ଲାଗି ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ ମଧ୍ୟ ସିଡିପିଓ ଅନୁପସ୍ଥିତିରୁ ଦାବି ପତ୍ର ଦେଇ ନପାରି ଫେରିଛନ୍ତି। ଅଙ୍ଗନୱାଡ଼ି କର୍ମୀ ସଂଘର ସଭାନେତ୍ରୀ ଅନୁସୂୟା ରେଡି, ଉପସଭାନେତ୍ରୀ ମିନତୀ ବରାଡ, ସମ୍ପାଦିକା ଗାୟତ୍ରୀ ପଣ୍ଡା, ସହ ସମ୍ପାଦିକା ଉଷାରାଣୀ ସାହୁ, ସୁଜାତା ନାହାକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପରିଚାଳିତ ହୋଇଥିଲା। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ସଭାନେତ୍ରୀ ନର୍ମଦା କୁମାରି ନାହାକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଡିଓଙ୍କ ଜରିଆରେ ଏକ ଦାବୀପତ୍ର ବିଡିଓଙ୍କ ଅନୁପସ୍ଥିତିରେ ପ୍ରଗତିସହାୟକ ମନମୋହନ ପାତ୍ର ଏବଂ ପ୍ରଦିପ୍ତ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। କିଛି ସମୟ ପାଇଁ କାର୍ଯ୍ୟାଳୟ ଠାରେ ଧାରଣାରେ ବସିଥିଲେ। ଏଥିରେ ସମ୍ପାଦିକା ସବିତା ଦେବୀ, ମଞ୍ଜୁଳା ନାୟକ, ସୁନୀତା ସାହୁ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।